ବର୍ଷ-୨୫, ସଂଖ୍ୟା-୨୮୦
ଭୁବନେଶ୍ୱର
୨୨, ଅକ୍ଟୋବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 280
Bhubaneswar
22, October, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ପ୍ରସିଦ୍ଧ ଅଭିନେତା ଅସରାନିଙ୍କ ପରଲୋକ



# ସବୁଆଡ଼େ ଧୂଆଁ ଧୂଆଁ, ଅଘଟଣ



**ନୂଆଦିଲ୍ଲୀ/ଭୁବନେଶ୍ୱର,** ୨୧।୧୦(ମହାଭାରତ); ଦୀପାବଳି ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସୁପ୍ରିମକୋର୍ଟ, କମିଶନରେଟ ପୋଲିସ ଲମ୍ବା କଟକଣା ଜାରି କଲେ। ହେଲେ ଫୁ କରି ଉଡାଇଦେଲେ ଅମାନିଆ। ଦେଶବ୍ୟାପୀ ଆକାଶ ହୋଇଗଲା ଧୂଆଁମୟ। ସରକାର ଓ ପ୍ରଶାସନ ସବୁ ଦେଖିଲେ ଚୁପ ବସିଲେ। ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ବାୟୁ ଗୁଣବତ୍ତା ସୂଚକାଙ୍କ ଦେଶର ରାଜଧାନୀ ଦିଲ୍ଲୀକୁ ଟପିଗଲା ଓଡ଼ିଶା ରାଜଧାନୀ ଭୁବନେଶ୍ୱର।

ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରର ଦୃଶ୍ୟ ନିୟମ ଥିଲା ରାତି ୭ରୁ ୯ଟା ଯାଏଁ ବାଣ ଫୁଟିବ। କିନ୍ତୁ କଟକଣାକୁ ଫୁ କରି ରାତି ୯ ପରେ ବି ଲୋକେ ମନଇଛା ବାଣ ଫୁଟାଇଥିଲେ। ମଧ୍ୟରାତ୍ରୀ ଯାଏ ବାଣ ଗର୍ଜନରେ ଥରିଲା ସହରର ମୁଖ୍ୟରାସ୍ତା ଓ ଗଳିକନ୍ଦି।୪୫ ଆଉ ସାରା ଆକାଶ ହୋଇଥିଲା ଧୂଆଁମୟ। ସନ୍ଧ୍ୟା ୭ଟାବେଳେ ଭୁବନେଶ୍ୱରର କିଛି ସ୍ଥାନରେ ପରିସ୍ଥିତି ଅସମ୍ଭାଳ ହୋଇପଡିଥିଲା। ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ବାୟୁ ଗୁଣବତ୍ତା ସୂଚକାଙ୍କ ୬୦୦ ଟପି ଯାଇଥିଲା। ଭୁବନେଶ୍ୱରର ବାୟୁ ଗୁଣବତ୍ତା ୬୫୭ ଥିବାବେଳେ କଟକରେ ୬୪୨ ରହିଥିଲା। ଅନ୍ୟତମ ସହର ରାଉରକେଲା ବି ପଛର ପଡିନଥିଲା। ସେଠାରେ ଏକ୍ୟୁଆଇ ୫୭୯ ରହିଥିଲା। ଗତକାଲି ଦିପାବଳୀ ପରେ ପରେ ପୂରା ଧୂଆଁମୟ ହୋଇଯାଇଛି ରାଜଧାନୀ ଦିଲ୍ଲୀର ଆକାଶ। ଦୀପାବଳିର ଗୋଟିଏ ଦିନ ପରେ ମଙ୍ଗଳବାର ଦିଲ୍ଲୀକୁ ବିଷାକ୍ତ କୁହୁଡ଼ି ଘୋଡ଼ାଇ ରଖିଥିବାର ଦେଖିବାକୁ ମିଳିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମାକୁ ଉଲ୍ଲଂଘନ କରି ଲଗାତର ଭାବେ ବାଣ ମାରି ଚାଲିଥିଲେ ଦିଲ୍ଲୀ ବାସିନ୍ଦା। ଯାହାଫଳରେ ରାତି ଅଧରେ ଆକାଶ ଦିଶୁଥିଲା ବେଶ୍ ଧୂଆଁଳିଆ। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) 'ଗମ୍ଭୀର' ବର୍ଗକୁ ଖସିଯାଇଛି। ତଥ୍ୟ ଅନୁଯାୟୀ, ଉତ୍ସବ ପାଳନ ମଧ୍ୟରେ ପ୍ରଦୂଷଣ ସ୍ତର ଖରାପ ହେବା ସହିତ ସକାଳ ୭ଟାରେ ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୫୧ ରହିଥିଲା। ଯାହାକି ଜାତୀୟ ହାରାହାରିଠାରୁ ୧.୮ ଗୁଣ ଅଧିକ। ଦୀପାବଳି ରାତିରେ ଏକ୍ୟୁଆଇ 'ଅତ୍ୟନ୍ତ ଖରାପ' ବର୍ଗକୁ ଖସିଗଲା। ନୋଇଡା ଏବଂ ଗୁରୁଗ୍ରାମ ଭଳି ସାଟେଲାଇଟ୍ ସହରଗୁଡ଼ିକର ସ୍ଥିତି ମଧ୍ୟ ଭଲ ନଥିଲା, ମଙ୍ଗଳବାର ସକାଳେ ଏକ୍ୟୁଆଇ ଯଥାକ୍ରମେ ୪୦୭ ଏବଂ ୪୦୨ ଥିଲା। ଗତବର୍ଷ ଦୀପାବଳି ପରେ ଦିଲ୍ଲୀର ସାମଗ୍ରିକ ବାୟୁ ଗୁଣବତ୍ତା 'ଅତ୍ୟନ୍ତ ଖରାପ' ବର୍ଗରେ ରେକର୍ଡ କରାଯାଇଥିଲା। ଏକ୍ୟୁଆଇ ଥିଲା ୩୫୯।ଚଳିତବର୍ଷ ସୁପ୍ରିମକୋର୍ଟ ୧୮ ରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ଦିଲ୍ଲୀ-ଏନସିଆର ଅଞ୍ଚଳରେ ସବୁଜ ବାଣକୁ ଅନୁମତି ଦେଇଥିଲେ, କେବଳ ଦୁଇଟି ସମୟ ସ୍ଲଟ୍ ମଧ୍ୟରେ, ସକାଳ ୬ ରୁ ୭ ଏବଂ ସନ୍ଧ୍ୟା ୮ ରୁ ରାତି ୧୦ ପର୍ଯ୍ୟନ୍ତ। ତଥାପି, କେହି ନିୟମ ପାଳନ କରିନଥିଲେ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଏବଂ ପରେ ବାଣ ଫୁଟିଥିଲା।

ମନଇଚ୍ଛା ବାଣଫୁଟା ଯୋଗୁଁ ରେଡ ଜୋନରେ ରାଜ୍ୟର ଅଧା ଅଞ୍ଚଳ। ସମସ୍ତେ ଖୁଁ ଖାଁ ହେଲେ। ଲୋକେ ଅଣନିଃଶ୍ୱାସୀ ବି ହେଲେ ଖାଲି ଭୁବନେଶ୍ୱର କି କଟକ ନୁହେଁ, ଆଜି ସକାଳୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବାୟୁର ମାନ ଅତି ଶୋଚନୀୟ ରହିଛି ଏହାକୁ ନେଇ ପରିବେଶବିତ ଅସନ୍ତୋଷ ଝାଡିଛନ୍ତି ।ବାଣଫୁଟା ନିୟମ ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ଘୋଷଣା କରି ଚୁପ ବସିଗଲା। ଆଉ ପରିବେଶକୁ ପ୍ରଦୂଷିତ ହେବାକୁ ଛାଡିଦେଲେ । ଏବେ ପ୍ରଶ୍ନ ଉଠୁଛି ପରିବେଶ ପ୍ରଦୂଷଣ ପାଇଁ କାହା ବିରୋଧରେ କିଏ ନେବ କାର୍ଯ୍ୟାନୁଷ୍ଠାନ ? ଗତକାଲି ଠାରୁ ଭୁବନେଶ୍ୱର, କଟକ ସମେତ ରାଜ୍ୟ ବିଭିନ୍ନ ସ୍ଥାନରେ, ସହରରେ ଏବଂ ଗାଁରେ ବାଣ ଫୁଟା ଚାଲିଥିବା ବେଳେ ବାଣ ଫୁଟା ପରେ ଆଜି ସକାଳେ ଦେଖାଦେଇଛି ଅଭାବନୀୟ ପରିସ୍ଥିତି। ଯେଉଁଠି ଲୋକେ ବାଣ ଫୁଟା ପରେ ନିଜ ଦାୟିତ୍ୱ ଭୁଲିଯାଇଛନ୍ତି।

## ୬ ଲକ୍ଷ କୋଟି ବାଣ ବିକ୍ରି

ନୂଆଦିଲ୍ଲୀ, ୨୧।୧୦: ଚଳିତ ବର୍ଷ ଦୀପାବଳିରେ ସାରା ଦେଶର ବଜାରରେ ରେକର୍ଡ ବ୍ୟବସାୟ ହୋଇଛି। କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ର ରିପୋର୍ଟ ଅନୁଯାୟୀ, ଦୀପାବଳିରେ ମୋଟ ୬.୦୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି, ଯାହା ଏପର୍ଯ୍ୟନ୍ତ ସବୁଠାରୁ ଅଧିକ।ଏହି ସମୟରେ, ଭୋକାଲ୍ ଫର୍ ଲୋକାଲ୍ ଏବଂ ସ୍ୱଦେଶୀ ଦୀପାବଳି ଅଭିଯାନର ପ୍ରଭାବ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ, ୮୭ ପ୍ରତିଶତ ଗ୍ରାହକ ବିଦେଶୀ ସାମଗ୍ରୀ ବଦଳରେ ଭାରତୀୟ ଉତ୍ପାଦକୁ କିଣିବାକୁ ପ୍ରାଥମିକତା ଦେଇଛନ୍ତି। ଗତ ବର୍ଷ ତୁଳନାରେ ଏଥର ବ୍ୟବସାୟରେ ୨୫% ବୃଦ୍ଧି ଘଟିଛି। ଦେଶୀ ସାମଗ୍ରୀର ଚାହିଦା ବଢ଼ିଥିବାରୁ ଚାଇନା ସାମଗ୍ରୀର ଚାହିଦା କମିଛି। ବ୍ୟବସାୟରେ ୫.୪୦ ଲକ୍ଷ କୋଟି ଟଙ୍କାର ବସ୍ତୁ ବ୍ୟାପାର ଓ ୬୫,୦୦୦ କୋଟି ଟଙ୍କାର ସେବା ବ୍ୟାପାର ସାମିଲ୍ ଅଛି। ଏହି ସମୟରେ ଗ୍ରୋସରୀ, ସୁନା-ରୂପା, ଇଲେକ୍ଟ୍ରୋନିକ୍ସ, ପୋଷାକ ଓ ଉପହାର ସାମଗ୍ରୀର ଚାହିଦା ଅଧିକ ଥିଲା। ସିଏଆଇଟିର କହିବାନୁଯାୟୀ, ଦୀପାବଳି ବ୍ୟବସାୟରୁ ପ୍ରାୟ ୫୦ ଲକ୍ଷ ଅସ୍ଥାୟୀ ନିଯୁକ୍ତି ସୃଷ୍ଟି ହୋଇଛି। ଏହି ରେକର୍ଡ ବ୍ୟବସାୟ ଭାରତୀୟ ଅର୍ଥନୀତି ପ୍ରତି ବଢୁଥିବା ଆତ୍ମବିଶ୍ୱାସକୁ ଦର୍ଶାଉଛି।

## ବାଣରୁ ହାତ କଟିଲା

ଭୁବନେଶ୍ୱର, ୨୧।୧୦(ମହାଭାରତ): ଗତକାଲି ରାଜ୍ୟବ୍ୟାପୀ ଦୀପାବଳି ଅବସରରେ ବାଣ ଫୁଟାବେଳେ ବିଭିନ୍ନ ସ୍ଥାନରେ ଅଘଟଣମାନ ଘଟିଥିବା ଖବର ହସ୍ତଗତ ହୋଇଛି। କେଉଁଠି ଜୀବନ ଯାଇଥିବାବେଳେ ଗୋଷ୍ଠୀ ସଂଘର୍ଷ, ଜୀବଜନ୍ତୁଙ୍କ ପ୍ରାଣହାନୀ, ଘର ପୋଡ଼ି ଓ ହାତ ପାପୁଲି ଛିଡ଼ିଯିବା ଭଳି ସାଂଘାତିକ ଘଟଣାମାନ ସାମ୍ନାକୁ ଆସିଛି।

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅଞ୍ଚଳରେ ପିଣ୍ଟୁ ପଲେଇ ନାମକ ଯୁବକ ବାଣ ବିସ୍ଫୋରଣ ପରେ ଗୁରୁତର ହେବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଘରେ ବାଣ ଭିଡୁଥିବା ବେଳେ ଏହି ବିସ୍ଫୋରଣ ଘଟିଥିବା ଜଣା ପଡିଛି।ପୁଲିସ ଏହି ଘଟଣାର ତଦନ୍ତ କରୁଛି।

କେନ୍ଦୁଝରଜିଲ୍ଲା ହାଟଡିହି ବ୍ଲକ ସୋସୋ ଥାନା ଆମ୍ବଗଡ଼ିଆ ଗାଁରେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ତିନି ବଖରା ଚାଳଘର ପୋଡ଼ିଯାଇଛି। ଗ୍ରାମର କୋଦଣ୍ଡଧର ପଣ୍ଡାଙ୍କ ଘରେ ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୩ ବଖରା ଚାଳ ଘର ସହିତ ୫ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖବର ପାଇ ହାଟଡିହି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ରାତିରେ ଗାଁରେ ପିଲାମାନେ ବାଣ ଫୁଟାଉଥିବା ବେଳେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରା ଯାଉଛି।

ସେହିପରି ଜଗତସିଂହପୁର ଜିଲ୍ଲାରେ ଦୀପାବଳିରେ ଅଘଟଣ ଘଟିଛି। ହାତରେ ବାଣ ଫୁଟି ଜଣେ ଯୁବକଙ୍କର ପାପୁଲି ନଥିବା ବେଳେ ପାଖରେ ଥିବା ଅନ୍ୟ ଜଣେ ଯୁବକଙ୍କ କାନକୁ ଶୁଣା ଯାଉନାହିଁ। ଦୁଇଜଣଙ୍କୁ ପ୍ରଥମେ ପାରାଦୀପ ଅଠରବାଙ୍କି ମେଡିକାଲକୁ ଅଣାଯିବା ପରେ ପାପୁଲି ନଥିବା ଗୁରୁତର ଯୁବକଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପାରାଦୀପ ଷଣ୍ଢକୁଦ ବସ୍ତିରେ ।ସାଙ୍ଗମାନଙ୍କ ସହ ମିଶି ଦୀପାବଳିରେ ବାଣ ଫୁଟାଇବା ସମୟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ହାତ ପାପୁଲି ନଥିବା ଗୁରୁତର ଯୁବକ ହେଲେ ଷଣ୍ଢକୁଦ ବସ୍ତିର ସମୀର ବେହେରା ଓ ଅନ୍ୟ ଜଣେ ଆହତ କାନକୁ ଶୁଣା ଯାଉନଥିବା ଯୁବକ ସେହି ବସ୍ତିର ଶୁଭନାଥ ମହାନ୍ତି।

ତେଣେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ଗୋବିନ୍ଦପୁର ଗାଁର ଦୀପାବଳିରେ ଅଘଟଣ ଘଟିଛି। ବାଣ ଫୁଟାଉଥିବା ବେଳେ ପୁଣି ଅଘଟଣ ଘଟିଛି। ବାଣ ବିସ୍ଫୋରଣରେ ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଯାଇଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ହେଲେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ଗୋବିନ୍ଦପୁର ଗାଁର ବାବୁ ମହାନ୍ତି। ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି ଗତକାଲି ସନ୍ଧ୍ୟାରେ ଘର ନିକଟରେ ଚାଇନା ବାଣ ଫୁଟାଉଥିଲେ। ଏହି ସମୟରେ ବାଣ ଟି ତାଙ୍କ ଡାହାଣ ହାତ ପାପୁଲିରେ ଫୁଟିଯାଇଥିଲା। ଫଳରେ ହାତରୁ ପାପୁଲି ଛିଣ୍ଡିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରାଞ୍ଚଳରେ ସୋମବାର ରାତିରେ ଦୀପାବଳି ଉତ୍ସବ ପାଳନ ସମୟରେ ବାଣ ଫୁଟାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ସହରର ପାତିକାର ପଡ଼ା ଓ ମନୋହରି ପଡ଼ାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ୬ ଜଣ ଆହତ ହୋଇଛନ୍ତି।ମନୋହରିପଡ଼ାରେ ରହୁଥିବା ଜଣେ ମହିଳାଙ୍କ ଘର ଉପରୁ ବାଣ ଫିଙ୍ଗି ଫୁଟାଇବାକୁ ନେଇ ନେଇ ଏହି ଗଣ୍ଡଗୋଳ ଘଟିଥିଲା। ଶେଷରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଘଟଣା ଉଗ୍ରରୂପ ଧାରଣ କରିଥିଲା। ରାତିରେ ଦୁଇ ଗୋଷ୍ଠୀ ଟେକା ପଥର ଫିଙ୍ଗା ଫିଙ୍ଗି ହେବା ସହ ହାତରେ ଧାରୁଆ। ଅସ୍ତ୍ର ଶସ୍ତ୍ର ଧରି ମୁହାଁମୁହିଁ ହେବା ପରେ ତୁମୁଳକାଣ୍ଡ ଘଟିଥିଲା। ଏହି ଗୋଷ୍ଠୀ ସଂଘର୍ଷ ସମୟରେ ଟେକା ପଥର ମାଡ଼, ଛୁରି, ଟାଙ୍ଗିଆ, ଭୁଜାଲି ଭଳି ଧାରୁଆ। ମାରଣାସ୍ତ୍ର ଆକ୍ରମଣରେ ଉଭୟ ଗୋଷ୍ଠୀର ୬ ଜଣ ଆହତ ହୋଇଥିଲେ।

# ସୁଧୁରୁନି ଇସ୍କନ

## ପୁଣି ଚିଠି ଲେଖିଲେ ଗଜପତି ମହାରାଜ

**ଭୁବନେଶ୍ୱର, ୨୧।୧୦(ମହାଭାରତ):** ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଇସ୍କନ ଜିବିସି(ଗଭର୍ନିଂ ବଡି କମିସନ) ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି ଗଜପତି ମହାରାଜା। ଦେଶ ବିଦେଶରେ ଥିବା ଇସ୍କନ ମନ୍ଦିରଗୁଡ଼ିକରେ ଶାସ୍ତ୍ର ଏବଂ ପୁରାତନ ପାରମ୍ପରିକ ରୀତିର ସମ୍ମାନ ରଖି ରଥଯାତ୍ରା ପାଳନ କରିବାକୁ ଗଜପତି ଦିଗଦର୍ଶନ ଦେଇଛନ୍ତି।



ଗଜପତି ମହାରାଜାଙ୍କ କାର୍ଯ୍ୟାଳୟ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ଯେ, ଗତ ସେପ୍ଟେମ୍ବର ୬ରେ ଗଜପତି ପଶ୍ଚିମବଙ୍ଗର ମାୟାପୁରସ୍ଥିତ ଇସ୍କନ ଜିବିସି ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସଙ୍କୁ ଚିଠି ଲେଖିଥିଲେ। ଗଜପତି ଜଣାଇଥିଲେ ଯେ, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି(ପୁରୀ)ର ଚୂଡ଼ାନ୍ତ ନିଷ୍ପତ୍ତି ଅନୁସାରେ ବିଶ୍ୱର ବିଭିନ୍ନ ଦେଶରେ ଅବସ୍ଥିତ ଇସ୍କନ ମନ୍ଦିରଗୁଡ଼ିକ ଶାସ୍ତ୍ର ଓ ପାରମ୍ପରିକ ରୀତିରେ ନିର୍ଦ୍ଦିଷ୍ଟ ତିଥି ଅନୁସାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନ କରିବେ।

ଏହାର ଉତ୍ତରରେ ଗତ ୧୯ ତାରିଖରେ ଇସ୍କନ ଜିବିସି ଅଧ୍ୟକ୍ଷ ଗଜପତି ମହାରାଜାଙ୍କୁ ଚିଠିରେ ଉତ୍ତର ଦେଇଛନ୍ତି, ଇସ୍କନ ଭାରତ ଏବଂ ବିଦେଶର ସମସ୍ତ ମନ୍ଦିରରେ ଶାସ୍ତ୍ର ନିର୍ଦ୍ଧାରିତ ତିଥି(ଜ୍ୟେଷ୍ଠ ପୂର୍ଣ୍ଣିମା)ରେ ସ୍ନାନଯାତ୍ରା ପାଳନ କରିବାକୁ ସମ୍ମତ ହୋଇଥିଲେ। ମାତ୍ର ସେମାନେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଶାସ୍ତ୍ର ଓ ପାରମ୍ପରିକ ତିଥି ଅନୁସାରେ ଅର୍ଥାତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ନଅଦିନ ମଧ୍ୟରେ ଭାରତ ବାହାରେ ରଥଯାତ୍ରା ପାଳନ କରିବାର ନିଷ୍ପତ୍ତି ସହିତ ସହମତ ହୋଇପାରୁ ନାହାନ୍ତି। ଉପରୋକ୍ତ ଇସ୍କନ ଜିବିସି ଅଧ୍ୟକ୍ଷଙ୍କ ପତ୍ରର ଉତ୍ତର ଦେଇ ଶ୍ରୀ ଗଜପତି ମହାରାଜା ଆଜି ଜିବିସି ଅଧ୍ୟକ୍ଷଙ୍କୁ ଏକ ପତ୍ର ଲେଖୁ ସେମାନଙ୍କ ସିଦ୍ଧାନ୍ତର ପୁର୍ନବିଚାର କରିବାକୁ ଓ ପବିତ୍ର ଶାସ୍ତ୍ର ଏବଂ ପୁରାତନ ପାରମ୍ପରିକ ରୀତିର ସମ୍ମାନ ରଖୁ ସମସ୍ତ ଦେଶର ଇସ୍କନ ମନ୍ଦିରମାନେ ଆଷାଢ ଶୁକ୍ଳ ଦ୍ୱିତୀୟା ତିଥି ଠାରୁ ଆରମ୍ଭ ହେଉଥିବା ନଅ ଦିନ ମଧ୍ୟରେ ରଥଯାତ୍ରା ପାଳନ କରିବା ନିମନ୍ତେ ଦିଗ୍‌ଦର୍ଶନ ଦେଇଛନ୍ତି।

## ସାନାଏ ତାକାଇଚି ଜାପାନ ପ୍ରଧାନମନ୍ତ୍ରୀ

**ଟୋକିଓ, ୨୧।୧୦(ମହାଭାରତ):** ଜାପାନର ଶାସକ ଲିବରାଲ ଡେମୋକ୍ରାଟିକ୍ ପାର୍ଟି (ଏଲଡିପି)ର ନେତା ସାନାଏ ତାକାଇଚି ଆନୁଷ୍ଠାନିକ ଭାବରେ ଦେଶର ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ଦିନ ଐତିହାସିକ ବିଜୟ ହାସଲ କରିବା ପରେ, ତାକାଇଚି ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ। ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାକାଇଚିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଶା ପ୍ରକାଶ କରିଛନ୍ତି ଯେ, ତାଙ୍କ ନେତୃତ୍ୱରେ ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କ ସୁଦୃଢ଼ ହେବ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ଭୋଟିଂରେ ସେ ୨୩୭ ଭୋଟ ପାଇ ସଂସଦର ନିମ୍ନ ସଦନରେ ବହୁମତ ହାସଲ କରିଛନ୍ତି। ଜାପାନୀ ସମ୍ବିଧାନ ଅନୁଯାୟୀ, ସଂସଦର ନିମ୍ନ ସଦନରେ ବିଜୟ ଚୂଡ଼ାନ୍ତ ଏବଂ ଉପର ସଦନର ସ୍ଥିତିରେ ଏହାର କୌଣସି ନେଣଦେଣ ନାହିଁ।ରିପୋର୍ଟ ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଏକ ଚୁକ୍ତି ମାଧ୍ୟମରେ ତାକାଇଚି ସମର୍ଥନ ପାଇ ପ୍ରଧାନମନ୍ତ୍ରୀ ପଦ ପାଇଁ ତାଙ୍କ ଦାବିକୁ ମଜବୁତ କରିଛନ୍ତି। ଦୃଢ଼ ରକ୍ଷଣଶୀଳ ଚିନ୍ତାଧାରା ଥିବା ତାକାଇଚି ନିଜକୁ ଜାପାନର ମାର୍ଗରେଟ ଥାଚର ବୋଲି କୁହନ୍ତି। ତାଙ୍କର ବିଜୟକୁ ଜାପାନ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଭାବରେ ଦେଖାଯାଉଛି, ପ୍ରଥମ ଥର ପାଇଁ ଜଣେ ମହିଳା ଏହି ପଦବୀରେ ନିର୍ବାଚିତ ହୋଇଛନ୍ତି।

## ଖୁବଶୀଘ୍ର ପୀତବାସ ପଣ୍ଡା ହତ୍ୟାକାଣ୍ଡର ପର୍ଦ୍ଦାଫାଶ

**ବ୍ରହ୍ମପୁର, ୨୧।୧୦(ମହାଭାରତ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ୧୭ ଦିନ ବିତିଯାଇଥିଲେ ବି ଏଯାଏଁ ହତ୍ୟାକାରୀର ଟେର୍ ପାଉନି ପୁଲିସ୍। କ'ଣ ପାଇଁ ହତ୍ୟାକାଣ୍ଡ ଘଟିଲା ତା ଉପରୁ ବି ହଟିନି ପରଦା। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ପୁଲିସ କହିଛି।




ବହୁ ଚର୍ଚ୍ଚିତ ପୀତବାସ ହତ୍ୟାକାଣ୍ଡ ଘଟଣାର ୧୬ଦିନରେ ବଡ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର।ପୁଲିସ ତଦନ୍ତର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପୁଲିସ ଦିନେ କିମ୍ବା ଦୁଇ ଦିନ ଭିତରେ ସାମ୍ବାଦିକ ସମ୍ମିଳନୀ କରି ଏସପି ସୂଚନା ଦେବେ ବୋଲି ଆଇଜି କହିଛନ୍ତି।

ଗତକାଲି ଏହି ଘଟଣାରେ ବ୍ରହ୍ମପୁର ଅଞ୍ଚଳର ଜଣେ ବଡ ରାଜନେତାଙ୍କୁ ପୁଲିସ ଉଠାଇ ନେଇ ଜେରା କରୁଛି। ଏହି ହାଇପ୍ରୋଫାଇଲ ମର୍ଡର କେସର ଖୁବଶୀଘ୍ର ସମାଧାନ ହେବ ବୋଲି ଆଶା କରାଯାଉଛି। ଏଯାବତ ୮ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି । ରାଜନୈତିକ ଓ ବ୍ୟବସାୟୀ ଦିଗକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରି ପୁଲିସ ତଦନ୍ତ କରୁଛି । ଦିନେ ଦୁଇ ଦିନ ଭିତରେ ହତ୍ୟାକାଣ୍ଡର ପର୍ଦ୍ଦାଫାସ ହେବ ବୋଲି ସଙ୍କେତ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର। ମାମଲାରେ ପୁଲିସ ଏଯାଏଁ ୮୦ରୁ ଅଧିକ ଜଣଙ୍କୁ ଜେରା କରିସାରିଥିବା ବେଳେ ହଜାରେରୁ ଅଧିକ ସିସି କ୍ୟାମେରା ଯାଞ୍ଚ କରିସାରିଲାଣି। ପୂର୍ବରୁ ଦୁଇ ପୂର୍ବତନ କର୍ପୋରେଟର ଓ ଛାତ୍ରନେତାଙ୍କୁ ଜେରା କରାଯାଇଥିଲା। ଗତକାଲି ସନ୍ଧ୍ୟାରେ ସହରର ଜଣାଶୁଣା ରାଜନେତାଙ୍କୁ ଉଠାଇ ନେଇ ପଚରାଉଚରା କରିଛି ପୁଲିସ। ହତ୍ୟାକାଣ୍ଡ ପାଇଁ ପୁଲିସ ବିହାର, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗରେ ବି ଛାପା ମାରି ଏକାଧିକ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ଏପରିକି କିଛି ପୁରୁଣା ହତ୍ୟା ମାମଲାରେ ଜେଲ୍‌ରେ ଥିବା ଅଭିଯୁକ୍ତ ବି ଏବେ ପୁଲିସ କବଜାରେ ବ୍ରହ୍ମପୁରର ଜଣେ ଛାତ୍ରନେତାଙ୍କୁ ବି ଦିଲ୍ଲୀରୁ ବାନ୍ଧିଛି ପୁଲିସ। ସମ୍ପୃକ୍ତ ଛାତ୍ରନେତାଙ୍କ ମୋବାଇଲ ଓ ସିମ୍ ଜବତ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କିଛି ଦାମୀ ଗାଡ଼ି ଓ ବାଇକ୍ ପୁଲିସ ହାତରେ ଲାଗିଥିବା ସୂଚନା ମିଳିଛି।

ପୂର୍ବରୁ ପୁଲିସ ବାଲି, ଜମି ଓ ବ୍ୟବସାୟୀକ ଶତ୍ରୁତା ଦିଗରେ ତଦନ୍ତ କରି ଥିଲା। ହେଲେ ଏହି ହତ୍ୟା ପଛରେ ରାଜନୈତିକ ଶତ୍ରୁତା ଲିଙ୍କ ମିଳିବା ପରେ ପୁଲିସ ନିଜ ତଦନ୍ତର ଦିଗ ବଦଳାଇ ଥିଲା। ଏପଟେ ପୀତବାସଙ୍କୁ ବାହାର ରାଜ୍ୟର ନୁହଁ ଗଞ୍ଜାମର ୨ ଜଣ ଯୁବକ ଗୁଳି କରିଥିବା କୁହାଯାଉଛି। ଏହା ଏକ ସୁଚିନ୍ତିତ ହତ୍ୟା। ଏହା ପଛରେ ବହୁ ପୁରୁଣା ରାଜନୈତିକ ବ୍ୟକ୍ତି, ବ୍ୟବସାୟୀ ଓ ଅପରାଧିକ ବ୍ୟକ୍ତି ରହିଥିବା ମଧ୍ୟ କୁହାଯାଉଛି ।

## ନୂଆପଡ଼ାରେ ନାମାଙ୍କନ ଭରିଲେ ୧୯ ପ୍ରାର୍ଥୀ

**ନୂଆପଡ଼ା, ୨୦।୧୦(ମହାଭାରତ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର ନାମାଙ୍କନ ଶେଷ ହୋଇଛି। ସମୁଦାୟ ୧୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆ, ଭାରତୀୟ ଜନତା ଦଳର ଜୟ ଢୋଲକିଆ ଏବଂ ଭାରତୀୟ ଜାତୀୟ କଂଗ୍ରେସର ଘାସିରାମ ମାଝୀ, ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ , ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିର ରାଜା ରାମ ସାହୁ, ଓଡ଼ିଶା ଜନତା ଦଳର ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି।ଏମାନଙ୍କ ସହିତ ୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ମାନେ ହେଲେ ଆଶ୍ରୟ ମହାନନ୍ଦ, ଇ.ଚନ୍ଦ୍ରକାନ୍ତ ଜେନା, ପୁରୁଷୋତ୍ତମ ବେହେରା,କମଳ କୁମାର ଛତ୍ରିଆ, ଭୁବନଲାଲ ସାହୁ,ଲୋଚନ ମାଝୀ,ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ,ଭକ୍ତ ବନ୍ଧୁ ଧରୁଆ, ନୀତା ବାଗ ଏବଂ ଲକ୍ଷ୍ମୀ କାନ୍ତ ତାଣ୍ଡି। ଅକ୍ଟୋବର ୨୪ (ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବା ବେଳେ ନଭେମ୍ବର ୧୬ ତାରିଖ (ରବିବାର) ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ।

## ପୋଲିସ୍ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତୁତି ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୨୧।୧୦(ମହାଭାରତ): ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ବିଧାନସଭା ମଣ୍ଡଳୀରେ ଉପ-ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ ମଙ୍ଗଳବାର ଦିନ ପୋଲିସ ମୁଖ୍ୟାଳୟ ଠାରେ ପୋଲିସ୍ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ଏକ ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଉପ-ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ଆଚରଣ ବିଧିର କଡାକଡି ଅନୁପାଳନ ଏବଂ ଭିଆଇପି ଓ ଭିଭିଆଇପିଙ୍କ ଗସ୍ତ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ପାଇଁ ଭାରତର ନିର୍ବାଚନ ଆୟୋଗ ର ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେ ଆହୁରି ମଧ୍ୟ ଦଫା ୧୧୦/୧୦୭ ସିଆରପିସି ଅନୁଯାୟୀ ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଗିରଫ କରିବା, ବେଆଇନ ଟଙ୍କା କାରବାରକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଓ ବେଆଇନ ମଦ ଜବତ କରିବା ଏବଂ ପଡ଼ି ରହିଥିବା ୱାରେଣ୍ଟ କୁ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ ତାମିଲ କରିବା ସମେତ ସମସ୍ତ ପ୍ରକାର ସତର୍କତା ମୂଳକ ପଦକ୍ଷେପ ଗୁଡ଼ିକୁ ତୀବ୍ର କରିବା ଉପରେ ଗୁରୁତ୍ୱ ଦେଇଥିଲେ।ଅତିରିକ୍ତ ଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୋବାଇଲ୍ ପେଟ୍ରୋଲିଙ୍ଗ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ର କାର୍ଯ୍ୟକୁ ବଢ଼ାଇବା ଏବଂ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରବେଶ ପଥରେ ନାକା ପୋଷ୍ଟ ସ୍ଥାପନ କରି ସନ୍ଦିଗ୍ଧ ବ୍ୟକ୍ତି ବିଶେଷ ଓ ଗାଡି ମାନଙ୍କର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଉପରେ ଗୁରୁତ୍ୱ ଦେଇଥିଲେ।ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ କୋଟେ ଉପ-ନିର୍ବାଚନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଗୁଇନ୍ଦା ତଥ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଡିଆଇଜିପି ଓ ଏସପିଙ୍କୁ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଇଥିଲେ।ଉପନିର୍ବାଚନ ସମୟରେ ସମ୍ଭାବ୍ୟ ମାଓବାଦୀ କାର୍ଯ୍ୟକଳାପକୁ ଏଡାଇବାକୁ ଏଡିଜିପି (ଏ ଏନ ଓ) ଶ୍ରୀ ସଂଜୀବ ପଣ୍ଡା ଜିଲ୍ଲାର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ କୁମ୍ବିଂ ଅପରେସନ ଓ ମାଓବାଦୀ ବିରୋଧୀ ଅଭିଯାନ କୁ ଜୋରଦାର କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏଥି ନିମନ୍ତେ ସମସ୍ତ ପ୍ରକାର ଯୋଜନାକୁ ଚୂଡାନ୍ତ ରୂପ ଦିଆ ଯାଇଛି ବୋଲି ଜଣାଇଥିଲେ ।

## ପ୍ଲଟ କିଣାବିକା ଜାଲିଆତି ମାମଲାରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୨୧।୧୦(ମହାଭାରତ):** ପାର୍ଟ ପ୍ଲଟ କିଣାବିକା ଜାଲିଆତି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ୧୦୦ରୁ ଅଧିକ ପାର୍ଟ ପ୍ଲଟ କିଣାବିକା କରିଥିବା ୩୦୦ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ୩୦୦ ସବ ରେଜିଷ୍ଟ୍ରାରଙ୍କ ବିରୋଧରେ ରାଜସ୍ୱ ବିଭାଗ ପକ୍ଷରୁ ଅଭିଯୋଗ ପତ୍ର ଜାରି କରାଯାଇଛି। ଏଣିକି ପାର୍ଟ ପ୍ଲଟ କିଣାବିକରେ କିଛି ସମସ୍ୟା ହେବ ନାହିଁ। ଆଗରୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ସମସ୍ୟା ସୃଷ୍ଟି ହୋଇଥିଲା। ଏବେ ନଗର ଉନ୍ନୟନ ବିଭାଗ, ଡେଭେଲପମେଂଟ ଅଥରିଟି, ରେରା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ରାଜସ୍ୱ ବିଭାଗ ସ୍ପଷ୍ଟିକରଣ ରଖିଛି। ଏବେ ସମସ୍ୟା ହେଉଛି ଆପାର୍ଟମେଂଟ କିଣାବିକା। ଅନେକ ଲୋକ ମତେ ଫୋନ କରି ପଚାରୁଛନ୍ତି। ଏହା ଉପରେ ସରକାର କାମ କରୁଛନ୍ତି।

## ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ। ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ। ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ। ବତର୍ମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



**ଖବର**

## ଦୀପାବଳି ପାଳନ କଲେ ସିଦ୍ଧାର୍ଥ ଏବଂ କିୟାରା





ବଲିଉଡର ଚର୍ଚ୍ଚିତ ଯୋଡ଼ି ସିଦ୍ଧାର୍ଥ ମଲହୋତ୍ରା ଏବଂ କିୟାରା ଆଡଭାନୀଙ୍କ ପାଇଁ ଏହି ଦୀପାବଳି ଖୁବ୍ ନିଆରା ରହିଛି । କାହିଁକିନା ସେମାନଙ୍କର କନ୍ୟା ସନ୍ତାନ ଜନ୍ମ ହେବା ପରେ ପ୍ରଥମ ଦୀପାବଳି ସେମାନେ ପାଳନ କରିଛନ୍ତି । ଯାହାର ଝଲକ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି ।କିୟାରା ଆଡଭାନୀ ତାଙ୍କ ସ୍ୱାମୀଙ୍କ ସହ ଦୀପାବଳି ପାଳନ କରୁଥିବା ତାଙ୍କ ଇନଷ୍ଟାଗ୍ରାମ ଆକାଉ□ରେ ସେୟାର କରିଥିବା ଭିଡିଓରେ ଦେଖିବାକୁ ମିଳିଛି । ଯେଉଁ ଭିଡିଓରେ କିୟାରାଙ୍କୁ ହଳଦି ରଙ୍ଗର ଅନାରକଲି ସୁଟ୍ ସହିତ ହଳଦି ଏବଂ ହାଲକା ଗୋଲାପି ରଙ୍ଗର ଦୁପଟାରେ ନଜର ଆସିଛନ୍ତି । ସିମ୍ପଲ୍ ଭାବେ ଦୀପାବଳି ଲୁକ୍ ନେଇଛନ୍ତି କିୟାରା । ଏଥି ସହିତ କିୟାରାଙ୍କୁ ଖୋଲା ଚୁଟି, ମଥାରେ ଛୋଟ ଲାଲ୍ ବିନ୍ଦି ସହିତ ଲାଇଟ୍ ମେକଅପରେ ନଜର ଆସିଛନ୍ତି । ସେହିପରି ସିଦ୍ଧାର୍ଥଙ୍କୁ ମଧ୍ୟ ଏକ ହଳଦି ରଙ୍ଗର କୁର୍ତ୍ତା ସହିତ ହ୍ୱାଇଟ୍ ପାଇଜାମା ପିନ୍ଧି ଦୁହେଁ ସେମାନଙ୍କ ଲୁକ୍ କମ୍ପଲିଟ୍ କରିଥିଲେ । ଭିଡିଓରେ ଦୁହେଁ ଖୁବ୍ ଖୁସି ଥିବାର ଦେଖିବାକୁ ମିଳିଛି ।ଏହା ବ୍ୟତୀତ ଦୀପାବଳିର ଫଟୋ ସେୟାର କରିବା ସହିତ ସମସ୍ତଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି କିୟାରା । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି । ସେମାନଙ୍କ ଝିଅ ହେବା ପରଠାରୁ ଖୁବ୍ କମ୍ ପ୍ରୋଫାଇଲ ରଖୁଥିଲେ । କିନ୍ତୁ ଏବେ ସେମାନଙ୍କର ଛୋଟ ଝଲକ ସେମାନଙ୍କ ଫ୍ୟାନ୍ସଙ୍କୁ ଖୁସି ଦେଇଛି ।

## ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ



ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ । କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

□ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ଦେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

□ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା'ର ପୂର୍ବ ଜନ୍ମର ଫଳ ମଧ୍ୟ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

□ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ୍ୟ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

## ମଙ୍ଗଳସୂତ୍ରର ମହତ୍ତ୍ୱ

ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି। ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।



ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୁତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।

## ନଟରାଜ



ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ସ୍ୱରୂପର ଉତ୍ପତି ବିଷୟକ ଧାରଣା "ଆନନ୍ଦମ୍ ତାଣ୍ଡବମ୍" ସହିତ ଜଡ଼ିତ । 'ନଟରାଜ' ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ୍ୟ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ୍ୟ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଳୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚର୍ତୁଦିଗରେ ଉଠୁଥିବା ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି 'ଓଁ'କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ 'ଓଁ' ନିହିତ ରହିଛି ।

## ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା



ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନକହି ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ୍ୟ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ ।

ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

# ଉନ୍ନତ ସେବା ପ୍ରଦାନରେ ପୋଲିସ ଯତ୍ନବାନ ହେଉ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ଗତ ତିନି ଦିନ ଧରି ଚାଲିଥିବା ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଆଜି ଅପରାହ୍ନରେ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ବର୍ଣ୍ଣାଢ୍ୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଏକ ବିକଶିତ ରାଷ୍ଟ୍ର ଓ ସମୃଦ୍ଧ ରାଜ୍ୟର ସରଞ୍ଜନାର ସଂକଳ୍ପକୁ ସାକାର କରିବାରେ ପୋଲିସ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ବିଭାଗର ମେରୁଦଣ୍ଡ ଭଳି ନିଷ୍ଠାର ସହ ଦାୟିତ୍ୱ ତୁଲାଉଥିବା ପୋଲିସ କର୍ମଚାରୀଙ୍କୁ ଉତ୍ସାହିତ କରିବାକୁ ବୃତ୍ତିଗତ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅପରାଧିକ ମାମଲା ଗୁଡିକରେ ବୈଜ୍ଞାନିକ ପଦ୍ଧତିର ଉପଯୋଗ କରି ପୋଲିସ ସଫଳତା ଆଣିବ ବୋଲି ଆଶାପ୍ରକଟ କରିଥିଲେ। ଏହା ପୋଲିସର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ଜନସାଧାରଣଙ୍କ ଦ୍ୱାରା



ଆଦୃତ ଏବଂ ପ୍ରଶଂସାର ପାତ୍ର ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ଉନ୍ନତ ମାନର ସେବା ପ୍ରଦାନ କରିବାରେ ପୋଲିସ ବିଭାଗ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ପୋଲିସ ବିଭାଗର ଆଧୁନୀକିକରଣ ନିମନ୍ତେ ସରକାର ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି। ସାରାରାଜ୍ୟରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସମସ୍ତ ଜିଲ୍ଲାରେ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଅଧିକାରୀ ନିଯୁକ୍ତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ। ସମାଜରେ ମହିଳା, ଶିଶୁ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ସୁରକ୍ଷା ପାଇଁ ସରକାର ସଦାସର୍ବଦା ଯତ୍ନବାନ ଅଛନ୍ତି। ମହିଳା ସଂକ୍ରାନ୍ତିୟ ଅପରାଧ ଗୁଡିକର ମୁକାବିଲା କରିବା ପାଇଁ ରାଜ୍ୟର ବିଭିନ୍ନ ଅଂଚଳରେ ଫାଷ୍ଟଟ୍ରାକ କୋର୍ଟ ସ୍ଥାପନ କରାଯିବା ଉପରେ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ସହ ଆଲୋଚନା କରୁଛନ୍ତି ବୋଲି ସେ ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ରାଜ୍ୟ ପୋଲିସ ଅଧିକ ଲୋକାଭିମୁଖୀ ହୋଇ ରାଜ୍ୟବାସୀଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଭଲଭାବେ କାମ କରିବ ବୋଲି ସେ ଆଶା ପ୍ରକଟ କରିଥିଲେ। ଏହି ଅବସରରେ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ପୋଲିସ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସର୍ବୋତ୍ତମ ବୃତ୍ତିଗତ ସେବା ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହ୍ୱାନ ଦେଇଥିଲେ।

# ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ। କୌଣସି ମହିଳାଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି ବୋଲି ଦୁଇ ବିଭାଗରୁ ରିପୋର୍ଟ ମାଗିଛି ମହିଳା ଓ ଶିଶୁ ବିକାଶ ବିଭାଗ। ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛି ବିଭାଗ। 'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତା ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଦି କୌଣସି ମହିଳା ବାର୍ଷିକ ୧୮ ହଜାର ଟଙ୍କା କିମ୍ବା ତା ଠାରୁ ଅଧିକ ଆର୍ଥିକ ସହାୟତା ଗ୍ରହଣ କରୁଥିବେ, ସେ କ୍ଷେତ୍ରରେ ସଂପୃକ୍ତ ମହିଳା ସୁଭଦ୍ରା ପାଇଁ ଅଯୋଗ୍ ଘୋଷିତ ହେବେ। ଏ ନେଇ ବିଭାଗକୁ ଅନେକ ଅଭିଯୋଗ ମିଳିଛି। ଛାତ୍ରୀମାନଙ୍କୁ ଯେଉଁ ଛାତ୍ର ବୃତ୍ତି ରାଶି ପ୍ରଦାନ କରାଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି। ହେଲେ ଏହାକୁ ଅତିରିକ୍ତ ଆର୍ଥିକ ସହାୟତା ଭାବେ ହିସାବକୁ ନିଆ ଯାଇପାରୁନାହିଁ। ଏନେଇ ବିସ୍ତୃତ ଭାବେ ଯାଂଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ର ବୃତ୍ତି ନେଇଛନ୍ତି ତା'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଚିଠି ଲେଖିଛି ବିଭାଗ।

# ସୌର ବିପ୍ଳବରେ ସାମିଲ ହେଲା ଭାଟକୁମରଡ଼ା ଗାଁ

**ବ୍ରହ୍ମପୁର,୨୧।୧୦ (ମହାଭାରତ):** ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହନ ଯୋଗାଇବା ଏବଂ ଗ୍ରାମୀଣ ଉପଭୋକ୍ତାଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ନିଆଯାଇଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନାର ୟୁଟିଲିଟି–ଲେଡ୍ ଆଗ୍ରିଗେସନ୍ (ୟୁଏଲ୍ଏ) ମଡେଲ ଅଧୀନରେ ସୌର ଶକ୍ତିକୁ ଆପଣେଇବା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି ଟିପିଏସ୍ଓଡିଏଲ୍ । ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱଚ୍ଛ ଶକ୍ତିକୁ ସହଜ ଓ ସୁଲଭ ମୂଲ୍ୟରେ ସଭିଙ୍କ ପାଖରେ ତଥା ଗ୍ରାମୀଣ ଉପଭୋକ୍ତାଙ୍କ ପାଖରେ ପହଞ୍ଚାଇବା ସହିତ ଗୁଣାତ୍ମକ ସୌର ପ୍ୟାନେଲ ସ୍ଥାପନ, ସୁରକ୍ଷା ଓ ଏକ ସ୍ଥାୟୀ ଏବଂ ଦୀର୍ଘମିଆଦୀ ବିକାଶକୁ ସୁନିଶ୍ଚିତ କରିବା। ୟୁଏଲ୍ଏ ମଡେଲ ଯୋଜନା ମାଧ୍ୟମରେ ଟିପିଏସ୍ଓଡିଏଲ୍ ଏକ ସଂଯୋଗ ହିସାବରେ କାର୍ଯ୍ୟ କରୁଛି ଯିଏ ଗ୍ରାହକମାନଙ୍କର ଚାହିଦାକୁ ଏକତ୍ରିତ କରିବା, ବୈଷୟିକ ପରିଚାଳନା ଏବଂ ଦକ୍ଷିଣ ଓଡ଼ିଶାର ଗାଁ ଗୁଡ଼ିକରେ ନିରବଚ୍ଛିନ୍ନ ଭାବରେ ସୌର ପ୍ୟାନେଲ ସ୍ଥାପନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଇଲେକ୍ଟ୍ରିକାଲ ଡିଭିଜନ ଅଧୀନସ୍ଥ ଭାଟକୁମରଡ଼ା ଗ୍ରାମପଞ୍ଚାୟତ, ଭାଟକୁମରଡ଼ା ଗାଁର ଶ୍ରୀ ପ୍ରଭାକର ବେହେରାଙ୍କ ଘରେ ୧ କିଲୋୱାଟ୍ କ୍ଷମତା ବିଶିଷ୍ଟ ରୁଫ୍ ଟପ୍ ସୌର ପ୍ୟାନେଲ ସଫଳତାର ସହିତ ସ୍ଥାପନ ହୋଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସୌର ପ୍ୟାନେଲ ସ୍ଥାପନ ପୂରା ଗାଁ ପାଇଁ ଏକ ବିଶେଷ ସଫଳତା ଅଟେ, ଯେଉଁଠି ସୌର ଶକ୍ତିକୁ ଏକ ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଉଛି।

# ନିଜ ବିବେକ ଅନୁଯାୟୀ ନିଷ୍ପତ୍ତି ନିଅନ୍ତୁ ରାଜସ୍ୱ ଅଧିକାରୀ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ରାଜସ୍ୱ ଆଇନ କେତେଦୂର ଠିକ ଭାବରେ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ସମୀକ୍ଷା କରିବା ଦରକାର। ଯଦି ହେଉନାହିଁ ତାର କାରଣ ସମ୍ପର୍କରେ ତର୍ଜମାର ଆବଶ୍ୟକତା ରହିଛି। ଆମକୁ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କରିବାକୁ ପଡିବ। ରାଜସ୍ୱ ସେବା ରାଜ୍ୟରୁ ଆରମ୍ଭ କରି ଗ୍ରାମସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଆମକୁ ନିରନ୍ତର ଭାବରେ କାର୍ଯ୍ୟ କରିବାକୁ ପଡିବ ନିଜର ବିଚାର ଓ ବିବେକ ଅନୁଯାୟୀ ସାଧାରଣ ଲୋକଟିକୁ ନ୍ୟାୟ ଦେବାକୁ ପଡିବ। ଆମେ ଜନସାଧାରଣଙ୍କ ସେବକ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ତୁରନ୍ତ ସେବା ଓ ଉପଯୁକ୍ତ ନ୍ୟାୟ ପ୍ରଦାନ ଦିଗରେ ସଚେତନ ରହି କାର୍ଯ୍ୟ କରିବାକୁ ପଡିବ। ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜନସାଧାରଣଙ୍କୁ ସଠିକ ଭାବରେ ରାଜସ୍ୱ ସେବା ଯୋଗାଇ ଦେବା ସହ ସମାଜର ମଙ୍ଗଳ ଓ ସମାଜକୁ ଆଗକୁ ନେବାକୁ ରାଜସ୍ୱ ଅଧିକାରୀମାନେ ନିରନ୍ତର କାର୍ଯ୍ୟ ଜାରି ରଖନ୍ତୁ



ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ଗୋଠପାଟଣା ସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି) ଠାରେ ଆୟୋଜିତ ଦୁଇ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀର ଉଦଯାପନୀ ଦିବସ ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ, ହାଇଟେକ ସର୍ଭେକୁ ନିର୍ଭୁଲ ଭାବରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସାରିବାକୁ ପଡିବ। ତାହେଲେ ଜମିଜମା ବ୍ୟବସ୍ଥା ଓ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ଓ ଜନସାଧାରଣ ଏହାର ସୁଫଳ ପାଇପାରିବେ। ସରକାର ପ୍ରତ୍ୟେକ ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବା ପାଇଁ ନିଷ୍ପତି ନେଇଥିବାବେଳେ ସମସ୍ତ ପ୍ରକାରର ଭିତ୍ତିଭୂମିର ଉନ୍ନତି କରାଯିବ। ଖାଲିଥିବା ପଦ ପଦବୀ ପୂରଣ କରାଯିବା ସହ ଆଧୁନିକରଣ ଦିଗରେ କାର୍ଯ୍ୟ କରାଯିବ। ଓଡିଶା ରାଜସ୍ୱ ବିଭାଗକୁ ଏକ ମଡେଲ ବିଭାଗରେ ପରିଣତ କରିବାକୁ ସମସ୍ତେ ବଦ୍ଧ ପରିକର ହୁଅନ୍ତୁ ବୋଲି ଉପସ୍ଥିତ ରାଜସ୍ୱ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀମତୀ ଗୁହା ପୁନମ ତାପସ କୁମାର କହିଲେ ଯେ ରାଜସ୍ୱ ପ୍ରଶାସନକୁ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାଗୁଡିକ ସହ ନିୟମିତ ସମ୍ପର୍କ ଓ ସମ୍ବନ୍ୱୟ ରକ୍ଷା କରି ତୃଣମୂଳସ୍ତରରେ ରାଜସ୍ୱ ସେବା ଯୋଗାଇ ଦେବା କ୍ଷେତ୍ରରେ ଆମକୁ ଯତ୍ନବାନ ହେବାକୁ ପଡିବ। ଏହି ଅବସରରେ ଉପସ୍ଥିତ ରହି ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ରୋଟିର ନିର୍ଦ୍ଦେଶିକା ଶ୍ରୀମତୀ ମଧୁସ୍ମିତା ସାହୁ କହିଲେ ଯେ ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ଆମର ପ୍ରଥମ କର୍ତ୍ତବ୍ୟ। ଏଥିରୁ ଯେମିତି କେହି ବାଦ ନ ପଡିବେ ସେଥିପ୍ରତି ଆମକୁ ସଚେତନ ହେବାକୁ ପଡିବ। ଦୁଇ ଦିନ ଧରି ଚାଲିଥିବା କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ ଆଜି ଉଦଯାପିତ ହୋଇଛି। ଏଥିରେ ୯ ଜଣ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ୧୬ଜଣ ଉପଜିଲ୍ଲାପାଳ, ୧୧୨ଜଣ ତହସିଲଦାର, ୧୦ ଜଣ ଜିଲ୍ଲା ନିବନ୍ଧକ, ୬୨ ଜଣ ସହକାରୀ ନିବନ୍ଧକ, ୪ ଜଣ ଜିଲ୍ଲା ମଙ୍ଗଳ ଅଧିକାରୀ ଯୋଗଦେଇଥିବା ବେଳେ ଏହି ସମ୍ମିଳନୀରେ ସରକାରୀ ଜମିର ସୁରକ୍ଷା, ଜମିଜମା ମୋକଦମା ସମ୍ପର୍କିତ ତ୍ୱରିତ ନ୍ୟାୟ ପ୍ରଦାନ, ସହରାଞ୍ଚଳ ଜମି ପରିଚାଳନା, ରାଜସ୍ୱ ପ୍ରଶାସନରେ ଆଧୁନିକ ବୈଷୟିକ ଜ୍ଞାନର ପ୍ରୟୋଗ, ରାଜସ୍ୱ ଆଇନରେ ଆବଶ୍ୟକ ସଂସ୍କାର ଓ ହାଇଟେକ ସର୍ଭେ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ବିଶେଷଜ୍ଞମାନେ ସେମାନଙ୍କ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ।

# ଜାତିଗତ ଜନଗଣନା ଓ ସଂରକ୍ଷଣର ପ୍ରାସଙ୍ଗିକତା ଆଲୋଚନା

**ଭୁବନେଶ୍ୱର,୨୧।୧୦ (ମହାଭାରତ):** "ନିଖିଳ ଓଡ଼ିଶା ଖଣ୍ଡାୟତ, କ୍ଷତ୍ରୀୟ-ପାଇକ-ଚଷା ମହାସଂଘ" ଆନୁକୂଲ୍ୟରେ ଶନିବାର ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ଠାରେ ଏକ ବନ୍ଧୁ ସମାବେଶର ଆୟୋଜନ କରାଯାଇଥିଲା। ଏହି ସମାବେଶରେ "ଜାତିଗତ ଜନଗଣନା ଓ ସଂରକ୍ଷଣର



ପ୍ରାସଙ୍ଗିକତା" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏହି ସଭାରେ ସଭାପତିତ୍ୱ କରିଥିଲେ। ମହାସଂଘର ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ ଅନୁଷ୍ଠାନର କାର୍ଯ୍ୟ ବିବରଣୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ସାଂଗଠନିକ ବିସ୍ତାର ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳ, ସ୍ତମ୍ଭକାର ନଟବର ଖୁଣ୍ଟିଆ, ଡଃ ଭାଗ୍ୟଲିପି ମଲ୍ଲ, ପ୍ରଭାସ ସାମନ୍ତରାୟ, ମିହିର ରାୟ, ବିଜୟ ବିଶ୍ୱାଳ ଓ ରାଜେନ୍ଦ୍ର କୁମାର ମହାଲିଙ୍ଗ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନିଜ ନିଜର ମତାମତ ଉପସ୍ଥାପନ କରି କହିଥିଲେ ଯେ, ସମାଜରେ ସାମାଜିକ ନ୍ୟାୟ ଦେବା କ୍ଷେତ୍ରରେ ସାମୂହିକ ଭାବେ ଖଣ୍ଡାୟତ ସମାଜର ଅବଦାନର ପଟାନ୍ତର ନାହିଁ। ସରକାର ବୈଷୟିକ ଶିକ୍ଷା ଓ ଡାକ୍ତରୀ ଶିକ୍ଷାରେ ୨୭ ଭାଗ ସଂରକ୍ଷଣ ଦେବା ପାଇଁ ଆଲୋଚକମାନେ ନିଜ ନିଜର ମତ ରଖିଥିଲେ। ମହାସଂଘ ତରଫରୁ ଏହି ସମୁଦାୟରୁ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ସମାଜସେବୀ ଭାବଗ୍ରାହୀ ରାଉତ, ସୁପ୍ରଭା ରାଉତ, ଯୁବନେତା ଦେବବ୍ରତ ରାଉତ, ନାରୀନେତ୍ରୀ ବିଳାସିନୀ ପ୍ରଧାନ, ସାମ୍ବାଦିକ ଶବର ତରାଇ, ରଜତ ବଳିୟାର ସିଂ, ଯଜ୍ଞେଶ୍ୱର ସୁନ୍ଦରାୟ, ଅମରେନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘ ତରଫରୁ ଖଣ୍ଡାୟତ, ମହାନାୟକ, ମହଲାୟକ ପରି ଜାତି ସମୂହକୁ ଜାତୀୟ ଓ.ବି.ସି. ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଜାତିଭିତ୍ତିକ ଜନଗଣନା'କୁ ତୁରନ୍ତ କାର୍ଯ୍ୟକାରୀ କରି ସେହି ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି। ମହାସଂଘର ସଂସ୍ଥାପକ ସଦସ୍ୟ ପ୍ରଫେସର ବିନୟ ଭୂଷଣ ଜେନା, ଆଡଭୋକେଟ ନରେଶ ଜେନା, ସମାଜସେବୀ ବିଶ୍ୱରାଜ ନାୟକ ପ୍ରମୁଖ ସଭା ପରିଚାଳନା କରିବା ସହ ସଂଘର ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଶେଷରେ ରଜତ ବଳିୟାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ସିପିଆଇ ରାଜ୍ୟ ପରିଷଦ ବୈଠକ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ଦ୍ୱାରା ଗତ ରାଜ୍ୟ ସମ୍ମିଳନୀରେ ନବ ନିର୍ବାଚିତ ରାଜ୍ୟ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦର ବୈଠକ ୧୭ ଓ ୧୮ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ନବ ନିର୍ବାଚିତ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ସାମ୍ପ୍ରତିକ ରାଜନୈତିକ ସ୍ଥିତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିବାବେଳେ ଜାତୀୟ ସମ୍ପାଦକ ସାଥି ରାମକୃଷ୍ଣ ପଣ୍ଡା ପାର୍ଟି ମହା ଅଧିବେଶନରେ ଗୃହୀତ ବିବରଣୀ ଉପସ୍ଥାପନ କରିଥିଲେ। ଗତ ୨୧ରୁ ୨୫ ସେପ୍ଟେମ୍ବର ୨୦୨୫ ପାର୍ଟିର ୨୫ତମ ପାର୍ଟି କଂଗ୍ରେସରେ ଗୃହୀତ ରାଜନୈତିକ ଓ ସାଙ୍ଗଠନିକ ନିଷ୍ପତ୍ତି ଏବଂ ସାମ୍ପ୍ରତିକ ରାଜ୍ୟରେ ଘଟିଯାଉଥିବା ଆଇନ ଶୃଙ୍ଖଳା ସ୍ଥିତି, ସାମ୍ପ୍ରଦାୟିକ ବିଦ୍ୱେଷ ସ୍ୱରୂପ କଟକ ଦୁର୍ଗାପୂଜା ଭସାଣୀରେ ଶାସକ ଦଳ ବିଜେପି ଓ ସଂଘ ପରିବାରର ପ୍ରାୟୋଜିତ ଦଙ୍ଗା ପରିସ୍ଥିତି, ଗଣ ଦୁଷ୍କର୍ମ, ନାରୀ ନିର୍ଯାତନା, ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି, ସଂଘ ପରିବାର ଦ୍ୱାରା ଦଳିତ, ଆଦିବାସୀ, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ବର୍ବରୋଚିତ, ଅମାନବୀୟ ଅତ୍ୟାଚାର ଓ ଆକ୍ରମଣ, ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାରେ ସମ୍ପୃକ୍ତ ହତ୍ୟାକାରୀଙ୍କୁ ଗିରଫ କରିବାରେ ବିଫଳତା ଓ ନିର୍ବାଚନ ପୂର୍ବରୁ ବିଜେପି ଦଳ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ପାଳନରେ ବ୍ୟର୍ଥତାକୁ ନେଇ ଆଲୋଚନା କରାଯିବା ସହ ରାଜ୍ୟ ବିଜେପି ସରକାରଙ୍କ ସମସ୍ତ ଜନ ବିରୋଧୀ, ସମ୍ବିଧାନ ବିରୋଧୀ କାର୍ଯ୍ୟକୁ ଆଗାମୀଦିନରେ ଜନସଚେତନତା ଓ ଜନ ଆନ୍ଦୋଳନ ଦ୍ୱାରା ପ୍ରତିରୋଧ କରାଯିବା ପାଇଁ ନିଷ୍ପତ୍ତି କରିଥିଲେ। ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ସାମ୍ପ୍ରଦାୟିକ ଏକଛତ୍ରବାଦୀ ବିଜେପିକୁ ରାଜ୍ୟର ସମସ୍ତ ବାମ-ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଶକ୍ତି ଏକଜୁଟ ହୋଇ ପରାସ୍ତ କରିବା ପାଇଁ ସିପିଆଇ ଆହ୍ୱାନ ଦେଇଛି।

ବୈଠକରେ ରାଜ୍ୟ ସଙ୍ଗଠନ ପାଇଁ ଦୁଇଜଣ ସହସମ୍ପାଦକ ଭାବେ ସାଥି କ୍ଷୀରୋଦ ସିଂହଦେଓ ଓ ସାଥି ଜୟନ୍ତ ଦାସ ସମେତ ସର୍ବସାଥି ଆଶିଷ କାନୁନ୍‌ଗୋ, ଅଶୋକ ଦାଶ, ଏନ. ନାରାୟଣ ରେଡ଼ି, ପ୍ରକାଶ ଚନ୍ଦ୍ର ପାତ୍ର, ବିଜୟ ଜେନା, ଦାମୋଦର ବେହେରା ଓ ରମଣୀରଞ୍ଜନ ରାଉତରାୟ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଓ ସାଥି ଜୟନ୍ତ ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି।

# ଓୟୁଏଟିରେ ଛତୁ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ଓୟୁଏଟିର ସର୍ବଭାରତୀୟ ସମନ୍ୱିତ ଛତୁଗବେଷଣା ପ୍ରକଳ୍ପର ଆୟୋଜନରେ ଜନଜାତି ଉପଯୋଜନା ଅନ୍ତର୍ଗତ ଏକ ରାଜ୍ୟସ୍ତରୀୟ ଛତୁଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି ଓ ଶିବିରରେ ଛତୁ ଗବେଷଣା ନିର୍ଦ୍ଦେଶାଳୟ, ଷୋଲାନ, ହିମାଚଳ ପ୍ରଦେଶର ନିର୍ଦ୍ଦେଶକ ଡ଼. ଭିପି ଶର୍ମା ଓ ବରିଷ୍ଠ ବୈଜ୍ଞାନିକ ଡ଼. ଶ୍ୱେତକମଳ ଯୋଗଦେଇ ଚାଷୀଙ୍କୁ ପ୍ରଶିକ୍ଷଣଦେବା ସହିତ ପାଳ ଛତୁ ଗବେଷଣା ଓ ଉତ୍ପାଦନରେ ଓଡ଼ିଶାର ଅଗ୍ରଣୀ ଭୂମିକା ପାଇଁ ଅଭିନନ୍ଦନ ଜଣାଇଛନ୍ତି ଓ ଆଗକୁ ଆହୁରି ଉନ୍ନତଭାବେ ଛତୁଚାଷ ଦିଗରେ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ କହିଛନ୍ତି ଓ ପ୍ରକଳ୍ପ ମୁଖ୍ୟ ବୈଜ୍ଞାନିକ ଡ଼. ଅରବିନ୍ଦ ଧଳ ତାଲିମ ଶିବିରକୁ ପରିଚାଳନା କରିଥିଲେ ଓ ମୟୁରଭଞ୍ଜ, କନ୍ଧମାଳ, ରାୟଗଡା, କୋରାପୁଟ ଓ ସୁନ୍ଦରଗଡର ୫୦ଜଣ ଅଗ୍ରଣୀ ଛତୁଚାଷୀ ଯୋଗଦେଇ ଏହିଚାଷର ନୂତନ ପଦ୍ଧତି ଉପରେ ଜ୍ଞାନ ଆହରଣ କରିଥିଲେ। ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଓ ଶିକ୍ଷା ନିର୍ଦ୍ଦେଶାଳୟରଅଧକ୍ଷଡ଼. ପ୍ରସନଜିତ ମିଶ୍ର ଯୋଗଦେଇ ଚାଷୀମାନଙ୍କୁ ଛତୁ ଚାଷ ଦିଗରେ ଆଗେଇବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଛତୁ ବିହନ, ପୁସ୍ତିକା ଓ ଅନ୍ୟାନ୍ୟ ଚାଷ ଉପକରଣବ ନକରାଯାଇଛି ଓ ଏଥିରେ ଓ ୟୁଏଟିର ବୈଜ୍ଞାନିକ ଡ଼. ନିରଞ୍ଜନ ଚିନାର ଇ, ଡ଼. ଅନିତା ପ୍ରିୟଦର୍ଶିନୀ, ଡ଼. ବିପିନ କୁମାର ପ୍ରଧାନ ଓ ଡ଼. ମନୋଜ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଜାଲିଆତି ମୋଟର ଦୁର୍ଘଟଣା ଦାବି

# ସିବିଆଇ ତଦନ୍ତାଦେଶ ପରେ ଆଇସିଆଇସିଆଇ ଲୋମ୍ବାର୍ଡଙ୍କୁ ଆଶ୍ୱସ୍ତି

**କଟକ,୨୧।୧୦ (ମହାଭାରତ):** ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଓଡ଼ିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ ନିକଟରେ ବୀମାକୃତ ହୋଇଥିବା ଯାନବାହନଗୁଡିକ କ୍ଷେତ୍ରରେ ଏକାଧିକ ଜାଲିଆତି ମୋଟର ଦୁର୍ଘଟଣା ବୀମା ଦାବି ସମ୍ପର୍କରେ ପୁନଃ ତଦନ୍ତ କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବର ତଦନ୍ତଗୁଡିକରେ ଅନିୟମିତତା ହୋଇଥିବା ଲକ୍ଷ୍ୟ କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି ଏବଂ ଏହା ଦୁର୍ଘଟଣା କ୍ଷତିପୂରଣ ମାମଲାଗୁଡିକରେ ସାଧୁତା ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ବିଚାର ବିଭାଗର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହା ୨୯ଟି ସଡ଼କ ଦୁର୍ଘଟଣା କ୍ଷେତ୍ରରେ ୩୪ଟି ଏମଏସିଟି (ମୋଟର ଆକ୍‌ସିଡେଣ୍ଟ କ୍ଲେମ୍ ଟ୍ରାଇବ୍ୟୁନାଲ) ମାମଲା ସମ୍ପର୍କିତ, ଯେଉଁଥିରେ ପ୍ରାୟ ୫ କୋଟି ଟଙ୍କାର କ୍ଷତିପୂରଣ ଦାବି ଅନ୍ତର୍ଭୁକ୍ତ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଏତଲାରେ ଅଭିଯୁକ୍ତ ଉଲ୍ଲେଖ କରାଯାଇଥିବା ଯାନବାହନଗୁଡିକ ଆଇସିଆଇସିଆଇ ଲୋମ୍ବାର୍ଡ ଜିଆଇସି ଲିମିଟେଡ ନିକଟରେ ବୀମାକୃତ ହୋଇଥିଲା। ଆଭ୍ୟନ୍ତରୀଣ ତଦନ୍ତ ସମୟରେ ଆଇସିଆଇସିଆଇ ଲୋମ୍ବାର୍ଡ ଗୁରୁତର ଅନିୟମିତା ଉନ୍ମୋଚନ କରିଥିଲା, ଯେଉଁଥିରେ ଉଲ୍ଲେଖ କରାଯାଇଥିବା ଯାନ କ୍ଷେତ୍ରରେ ସମାନ ଡ୍ରାଇଭରଙ୍କୁ ଏକାଧିକ ଦୁର୍ଘଟଣାରେ ସଂପୃକ୍ତ ଥିବା ଏବଂ ଡାକ୍ତରୀ ରେକର୍ଡରେ ଜାଲିଆତି କରାଯାଇଥିବା ଜଣାଯାଇଥିଲା। ଏହି ସମସ୍ତ ତଥ୍ୟ ଆଧାରରେ କମ୍ପାନୀ ଏହି ପ୍ରସଙ୍ଗ କ୍ରାମଇ ବ୍ରାଞ୍ଚକୁ ସମର୍ଥନକାରୀ ପ୍ରମାଣ ସହିତ ପଠାଇଥିଲା ଏବଂ ସେହି ସମୟରେ ଏମଏସିଟି ବିଚାର ପ୍ରକ୍ରିୟା ଉପରେ ରହିତାଦେଶ ନିମନ୍ତେ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ଆବେଦନ କରିଥିଲା।

# ନ୍ୟାୟ ପାଇବାରେ ଅଭାବ ପ୍ରତିବନ୍ଧକ ନ ହେଉ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ସମ୍ବିଧାନ ପ୍ରତି ଭାରତୀୟଙ୍କୁ ସମାନତାର ଅଧିକାର ଦେଇଛି। ନ୍ୟାୟ ପାଇବା ସମସ୍ତଙ୍କ ଅଧିକାର। ଗରିବ କିମ୍ବା ଆର୍ଥିକ ଦୁର୍ବଳବର୍ଗର ସାଧାରଣ ଲୋକଟିଏ ଅର୍ଥାଭାବରୁ ନ୍ୟାୟ ପାଇବାରୁ ବଂଚିତ ନ ହେଉ। ଏହାକୁ ଧ୍ୟାନ ଦେଇ ଦୁର୍ବଳ ଶ୍ରେଣୀ ନିକଟରେ ଆଇନ ସହାୟତା ପହଂଚିବାକୁ ସୁନିଶ୍ଚିତ କରିବା ଜରୁରୀ। ଏହା ହେଲେ ଜେଲରେ ବିଚାରଧୀନ ବନ୍ଦୀଙ୍କ ସଂଖ୍ୟା ହ୍ରାସ ପାଇବ। ଏହା କହିଛନ୍ତି ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି)ର ସଦସ୍ୟା ଶ୍ରୀମତି ବିଜୟା ଭାରତୀ ସାୟାନୀ।

ଶୁକ୍ରବାର ସୋଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସମ୍ବୋଧିତ କରି ଶ୍ରୀମତି ସାୟାନୀ କହିଛନ୍ତି ଯେ, ଭାରତ ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ଏହି ସଫଳତା ସତ୍ତ୍ୱେ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ଦାରିଦ୍ର୍ୟ, ଜାତିଗତ ବୈଷମ୍ୟ ଏବଂ ଲିଙ୍ଗ ଅସମାନତା ଭଳି ଆହ୍ୱାନର ମୁକାବିଲା କରିବାକୁ ହେବ। ଅକ୍ଟୋବର




୨୦୨୫ରେ ପ୍ରକାଶିତ ବିଶ୍ୱ ବ୍ୟାଙ୍କ ରିପୋର୍ଟକୁ ଉଦ୍ଧୃତ କରି ସେ କହିଲେ ଏବେ ବି ଦେଶର ୩୪ କୋଟି (୨୩.୮%) ଲୋକ ଦୈନିକ ମାତ୍ର ୩୬୦ ଟଙ୍କାରେ ଚଳୁଛନ୍ତି। ଉତର ପ୍ରଦେଶ, ମହାରାଷ୍ଟ୍ର ଓ ବିହାର ଭଳି ବଡ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ବେଶୀ। ଏ ତିନି ରାଜ୍ୟରେ ଦେଶର ୪୬ ପ୍ରତିଶତ ଗରିବ ରହୁଛନ୍ତି। ସରକାର ଗରିବୀ ହଟାଇବାକୁ ଗତ ୧୫ ବର୍ଷରେ ବହୁ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତଥାପି ଦାରିଦ୍ର୍ୟ ଏବେ ମଧ୍ୟ ଏକ ବଡ଼ ସମସ୍ୟା ହୋଇ ରହିଛି।

ଶ୍ରୀମତି ସାୟାନୀ ସୋଆ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ସୋଆ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଶ୍ରୀମତି ସାୟାନୀ କହିଥିଲେ ଯେ ଆଇନଗତ ଅଧିକାର ଏବଂ ବାସ୍ତବତା ମଧ୍ୟରେ ଥିବା ଦୂରତ୍ୱକୁ ଆଖିରେ ରଖି ସମସ୍ତଙ୍କ ପାଇଁ ସୁଲଭ ଓ ସମାନ ନ୍ୟାୟର ବ୍ୟବସ୍ଥା ରହିବା ଆବଶ୍ୟକ। ଦେଶର ଜଣେ ହେଲେ ନାଗରିକ ନ୍ୟାୟ ପାଇବାରୁ ବଂଚିତ ନ ହେଉ। ଏ ଦିଗରେ ଯାହା ସବୁ ଆହ୍ୱାନ ରହିଛି ତାହା ଦୂର ହେବା ଆବଶ୍ୟକ। ୨୦୨୫ର ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟର ତଥ୍ୟ ଉଲ୍ଲେଖ କରି ସେ କହିଲେ ଯେ ଲୋକଙ୍କ ନିକଟରେ ମାଗଣା ଆଇନ ସହାୟତା ପହଂଚିଲେ ଠିକ୍ ସମୟରେ ଜାମିନ ମିଳିପାରିବ। ଫଳରେ ଦେଶର ଜେଲ ଗୁଡିକରେ ମାତ୍ରାଧିକ ଭିଡ ଓ ଚାପ କମିବ। ମାନବାଧିକାର ସୁରକ୍ଷା ଦିଗରେ ଜାତୀୟ ମାନବାଧିକାର ଆୟୋଗ କାର୍ଯ୍ୟ କରୁଛି। ଗରିବ ଓ ଅବହେଳିତଙ୍କ ପାଇଁ ଏହା ଏବେ ପାଲଟିଛି ଏକ ଜୀବନରେଖା।

ଶ୍ରୀମତି ସାୟାନୀ କହିଥିଲେ ଯେ, ୩୨ ବର୍ଷରେ ଏନ୍ଏଚ୍ଆର୍‌ସି ୨୩.୭୯ ଲକ୍ଷରୁ ଅଧିକ ମାମଲାରେ ହସ୍ତକ୍ଷେପ କରି ୮,୯୨୪ଟି ମାମଲାରେ ୨୬୩ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରୁ ୨୯୮୧ଟି ମାମଲାରେ ଆୟୋଗ ନିଜ ଆଡୁ ହସ୍ତକ୍ଷେପ କରିଛି। ପ୍ରତି ନାଗରିକଙ୍କ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ହେଉଛି ଆୟୋଗର ପ୍ରତିବଦ୍ଧତା। କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର (ଡ.) ନୀତା ମହାନ୍ତି ଏବଂ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଅଭିଭାଷଣ ଦେଇଥିଲେ।

# ପ୍ରତିଶ୍ରୁତି ପାଣି ଗାର

୨୦୧୭ ଜୁଲାଇ ପହିଲାରୁ ଦେଶରେ ଟିକସ ବ୍ୟବସ୍ଥାରେ ସବୁଠାରୁ ବଡ଼ ସଂସ୍କାର ଜିଏସଟି କାର୍ଯ୍ୟକାରୀ ହୋଇଥିଲା। ୮ ବର୍ଷ ପରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ନୂତନ ବ୍ୟବସ୍ଥାରେ ଜିଏସଟି ସ୍ଲାବକୁ ଦୁଇଟିରେ ସୀମିତ ରଖାଯାଇଛି । ଗୋଟିଏ ୫ ପ୍ରତିଶତ ଏବଂ ଅନ୍ୟଟି ୧୮ ପ୍ରତିଶତ। ୯୯% ସାମଗ୍ରୀକୁ ୫% ସ୍ଲାବରେ ରଖାଯାଇଥିବା ବେଳେ ଅନେକ ସାମଗ୍ରୀକୁ ଜିଏସଟିରୁ ବାଦ ଦିଆଯାଇଛି। ଏହା ସ୍ୱାଗତ ଯୋଗ୍ୟ। ଏହା ଦ୍ୱାରା ଗରିବ ଓ ମଦ୍ୟବିତ୍ତ ବର୍ଗ ଲାଭବନା ହେବେ ବୋଲି କୁହାଯାଉଛି। କିନ୍ତୁ ବାସ୍ତବତା ହେଲା ଭିନ୍ନ। ଜିଏସଟି ହ୍ରାସ ସତ୍ତ୍ୱେ ସାଧାରଣ ଖାଉଟୀଙ୍କୁ ଏହାର ଫାଇଦା ମିଳିଲା ନାହିଁ। କିଛି ସାମଗ୍ରୀ ଉପରେ ଟିକସ କମିଛି ଏବଂ ଏହାର ବଜାର ଦର କମିଛି। କିନ୍ତୁ ଅନେକ ଉ୍ପାଦନକାରୀ କମ୍ପାନୀ ଜିଏସଟି କମିବା ପୂର୍ବରୁ ନିଜ ଉତ୍ପାଦିତ ସାମଗ୍ରୀର ଏମଆରପି ବଢ଼ାଇ ଦେଇଛନ୍ତି। ଫଳରେ ଜିଏସଟି ହ୍ରାସ ପାଇଲେ ମଧ୍ୟ ଖାଉଟୀଙ୍କୁ ଏହା ଶସ୍ତାରେ ମିଳୁନି। ଏହାକୁ କହନ୍ତି ଖାଉଟୀ ମାରଣ ନୀତି। ସରକାର ଟିକସ କମାଇ କ୍ଷତି ସହିଲେ, କିନ୍ତୁ ଲୋକଙ୍କୁ ଏହାର ଫାଇଦା ମିଳିଲା ନାହିଁ। ଜିଏସଟି କମିବା ଫଳରେ ଦେଶର ରାଜସ୍ୱ ସଂଗ୍ରହ ହ୍ରାସ ପାଇବ। କଂଗ୍ରେସ ଅଭିଯୋଗ କରିଛି ଯେ, ୮ ବର୍ଷ କାଳ ଲୋକ୍‌କୁ ଟିକସ ମାଧ୍ୟମରେ ଶୋଷଣ କରିବା ପରେ ଏବେ ଟିକସ ହ୍ରାସ କରି ସରକାର ବାହାବା ନେଉଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ୮ ବର୍ଷ ମଧ୍ୟରେ ଜିଏସଟି ପାଇଁ ଦେଶର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇଛି। ଜିଏସଟି ବାବଦ ଅର୍ଥ କେହି ନିଜ ପକେଟକୁ ନେଉନଥିଲେ। ବରଂ ଅନେକ ଜିଏସଟି ହ୍ରାସକୁ ବିରୋଧ କରୁଛନ୍ତି ଏବଂ ଜିଏସଟି ସରଳୀକରଣ କରିବା ଉଚିତ। ୧୦ଟଙ୍କାର ସାମଗ୍ରୀକୁ ୯ ଟଙ୍କାରେ ବିକ୍ରୀ କଲେ ଲୋକେ ବିଶେଷ ଉପକୃତ ହେବେନି। କିନ୍ତୁ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେବ। ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳୀରେ ସେ ଦେଶବାସୀଙ୍କୁ ଜିଏସଟି ହ୍ରାସର ଉପହାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷ କରି କାଦ୍ୟ ସାମଗ୍ରୀ ଉପରୁ ଜିଏସଟିକୁ ସମ୍ପୂର୍ଣ୍ଣ ଛାଡ଼ ବା ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ମଧ୍ୟରେ ରହିଛି ରୋଟି, ପରଟା, ୩୩ ପ୍ରକାର ଜୀବନ ରକ୍ଷାକାରୀ ଔଷଧ , ଦୁଗ୍ଧଜାତ ସାମଗ୍ରୀ ଇତ୍ୟାଦି। ଅନେକ କୃଷି ଉପକରଣ ଉପରେ ମଧ୍ୟ ଜିଏସଟି ଛାଡ଼ କରାଯାଇଛି। ତେବେ କେତେକ ବିଳାସ ସାମଗ୍ରୀ, ତମାଖୁ ଏବଂ ବଡ଼ କାର ଉପରେ ୪୦% ଟିକସ ବସାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରୁ ଏହା ଲାଗୁ ହେବ। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ସାଧାରଣ ଲୋକଙ୍କ ଉପରୁ ଜିଏସଟି ବୋଝ ହାଲୁକା କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ଅନେକ ଦିନ ତଳୁ ଏହା କାର୍ଯ୍ୟକାରୀ ହେବାର ଥିଲା। ଏହା ଦ୍ୱାରା ସରକାରଙ୍କର ବାର୍ଷିକ ପ୍ରାୟ ୪୭ ହଜାର କୋଟି ଟଙ୍କାର ରାଜସ୍ୱ ହାନି ହେବ ବୋଲି ଆକଳନ କରାଯାଇଛି। ଏହା ଫଳରେ ରାଜ୍ୟମାନେ ମଦ୍ୟ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ଅନେକ ବିରୋଧୀ ଶାସିତ ରାଜ୍ୟମାନେ ଏହାକୁ ବିରୋଧ କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସେମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ଫଳରେ ଜିଏସଟି ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଏବେ ଦେଶରେ ମାସିକ ହାରାହାରି ୧ ଲକ୍ଷ ୮୪ ହଜାର କୋଟି ଟଙ୍କାର ଗ୍ରସ ଜିଏସଟି ସଂଗ୍ରହ ହେଉଛି।

# ୟୁ ଟ୍ୟୁବ୍ ଓ ସାମାଜିକ ବିଭତ୍ସତା

*ଆମେ ଏପରି ଏକ ସମୟରେ ଖୁସିରେ ଗଦ ଗଦ ହୋଇପଡୁଛି ଯେତେବେଳେ ଜଣେ ପ୍ରଥମ ଓଡ଼ିଆ ଓ ଆଦିବାସୀ ଅତ୍ୟନ୍ତ ସରଳ ମହିଳା ଭାରତର ରାଷ୍ଟ୍ରପତି ପଦକୁ ଯାଉଛନ୍ତି। ସେହି ସମୟରେ ଆମେ ଚର୍ଚ୍ଚା ହେଉଥିବା ବର୍ଷା ନାମ୍ନୀ ମହିଳାଙ୍କ କଥାକୁ ନେଇ ଯେଉଁପରି ଅପମାନ ଦେଉଛେ ତାହା କ'ଣ ଛୋଟିଆ କଥା ! ଟୁଙ୍ଗୁରୁ ଭୋଳ ଓ ବର୍ଷାଙ୍କ ତଥାକଥିତ ଘଟଣା ପୂର୍ବରୁ ୟୁଟ୍ୟୁବରେ ଅନେକ ଏହିପରି ଅଘଟଣର ଘଟଣା ଦେଖୁଛୁ ଏହା ନୂଆ ନୁହେଁ କିନ୍ତୁ ତା ଅର୍ଥ ଏହା କ'ଣ କ୍ରମାନ୍ୱୟରେ ଚାଲିଥିବ। ବିଶ୍ୱର ଶକ୍ତିଶାଳୀ ଆମେରିକୀୟ ଆପ୍ ୟୁଟ୍ୟୁରେ ଯେଉଁମାନେ ଏହିପରି କେବଳ ଦ୍ୱିଅର୍ଥ ବୋଧକ ଭାଷା ନୁହେଁ ଅତ୍ୟନ୍ତ ଅଶାଳୀନ ଓ ଭାରତୀୟ ପିଙ୍ଗଳ ସଂହିତାର ବିରୋଧରେ ଯାଉଥିବା ସମାଜ ବିରୋଧୀ ଭାଷା ଓ ନାରୀ ଚରିତ୍ରକୁ ଖ୍ୟନଭିନ କରୁଥିବା ଖବର ପଠାଉଛନ୍ତି ସେମାନେ ଏହାପାଇଁ ପୁଣି ଅର୍ଥ ପାଉଛନ୍ତି।*


॥ ଅନୁପମା ଭୂୟାଁ ॥


ଆଜିକାଲି ହାତପାହାନ୍ତାରେ ସୋସିଆଲ ମିଡ଼ିଆ। ପଇସା ପଡୁନି ବୋଲି ୟୁ ଟ୍ୟୁବକୁ ସମସ୍ତେ ଜ୍ଞାନପାଇଁ, ଅଜ୍ଞାନ ପାଇଁ, ସୁନାମ ପାଇଁ ଓ ଦୁର୍ନାମ ପାଇଁ ମଧ ବ୍ୟବହାର କରୁଛନ୍ତି। ଏବେ କେବଳ ସାମାଜିକ ଗଣମାଧ୍ୟମ ନୁହେଁ ବାସ୍ତବରେ ପଇସା ଖର୍ଚ୍ଚ ହେଉଥିଲେ ବି ଦେହକୁ ଲାଗୁ ନଥିବାର ଏକ ପ୍ରକାର ଭିନ୍ନ ନିଶା। ଆମେ ଆଲୋଚନାକୁ ସେ ଦିଗକୁ ନେଉ ନାହୁଁ। ବର୍ତ୍ତମାନ ସୋସିଆଲ ମିଡ଼ିଆ ଓ ଗଣମାଧମରେ ଟୁଙ୍ଗୁରୁ ଭୋଳକୁ ନେଇ ଯେତିକି ଚର୍ଚ୍ଚା ସେତିକି ଚର୍ଚ୍ଚା ଦେଶ ଦୁନିଆ ପାଇଁ କି ନିଜ କାମ ଘର ପରିବାର ପାଇଁ ବି ହେଉନି। ଏହାକୁ କେହି କେହି ଗ୍ରହଣ ନକରି ପାରନ୍ତି। ଟୁଙ୍ଗୁରୁ ଭୋଳ ଆଜି ରାତାରାତି ଚର୍ଚ୍ଚିତ। କଥାରେ ଅଛି ଦେଉଳ ତୋଳିଲେ ନାଁ ହୁଏ ରାସ୍ତାରେ ଗ...... କଲେ ବି ନାଁ ହୁଏ। ତେବେ ଟୁଙ୍ଗୁରୁ ଭୋଳ ଓ ଚର୍ଚ୍ଚା ହେଉଥିବା ତଥାକଥିତ ତାଙ୍କ ଭାଉଜ ଭିନ୍ନ ପ୍ରେମକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା, ସମାଲୋଚନା ଚାଲିଛି। ଗୀତ ତିଆରି ହେଲାରି, ଫିଲ୍ମ ବି କୁଆଡ଼େ ତିଆରି ହେଉଛି ଆଉ ଗଣମାଧମରେ ଆମେ ଯାହା ଦେଖୁଛୁ ଟୁଙ୍ଗୁରୁ ଭୋଳ ନିଜ ନଜକୁ ଭିନ୍ନ ଏକ ପୃଥିବୀର ସୃଷ୍ଟି ବୋଲି ଭାବିଲାଣି। ତେବେ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ୟୁଟ୍ୟୁବରେ ଏହି ଟୁଙ୍ଗୁରୁ ଭୋଳଙ୍କୁ ଯେତିକି ନୁହେଁ ତାଙ୍କ ତଥାକଥିତ ଭାଉଜଙ୍କୁ ନେଇ ଯେଉଁପରି ଭାଷା, ଯେଉଁପରି ବର୍ଣ୍ଣନା, ଯେଉଁପରି ଏକ ପ୍ରକାର କଳଙ୍କିତାର ଛିପ ପକାଇ ତାଙ୍କୁ ଲଜ୍ଜିତ କରାଯାଉଛି। ଆମେ ଏପରି ଏକ ସମୟରେ ଖୁସିରେ ଗଦ ଗଦ ହୋଇପଡୁଛି ଯେତେବେଳେ ଜଣେ ପ୍ରଥମ ଓଡ଼ିଆ ଓ ଆଦିବାସୀ ଅତ୍ୟନ୍ତ ସରଳ ମହିଳା ଭାରତର ରାଷ୍ଟ୍ରପତି ପଦକୁ ଯାଉଛନ୍ତି। ସେହି ସମୟରେ ଆମେ ଚର୍ଚ୍ଚା ହେଉଥିବା ବର୍ଷା ନାମ୍ନୀ ମହିଳାଙ୍କ କଥାକୁ ନେଇ ଯେଉଁପରି ଅପମାନ ଦେଉଛେ ତାହା କ'ଣ ଛୋଟିଆ କଥା ! ଟୁଙ୍ଗୁରୁ ଭୋଳ ଓ ବର୍ଷାଙ୍କ ତଥାକଥିତ ଘଟଣା ପୂର୍ବରୁ ୟୁଟ୍ୟୁବରେ ଅନେକ ଏହିପରି ଅଘଟଣର ଘଟଣା ଦେଖୁଛୁ ଏହା ନୂଆ ନୁହେଁ କିନ୍ତୁ ତା ଅର୍ଥ ଏହା କ'ଣ କ୍ରମାନ୍ୱୟରେ ଚାଲିଥିବ। ବିଶ୍ୱର ଶକ୍ତିଶାଳୀ ଆମେରିକୀୟ ଆପ୍ ୟୁଟ୍ୟୁରେ ଯେଉଁମାନେ ଏହିପରି କେବଳ ଦ୍ୱିଅର୍ଥ ବୋଧକ ଭାଷା ନୁହେଁ ଅତ୍ୟନ୍ତ ଅଶାଳୀନ ଓ ଭାରତୀୟ ପିଙ୍ଗଳ ସଂହିତାର ବିରୋଧରେ ଯାଉଥିବା ସମାଜ ବିରୋଧୀ ଭାଷା ଓ ନାରୀ ଚରିତ୍ରକୁ ଖ୍ୟନଭିନ କରୁଥିବା ଖବର ପଠାଉଛନ୍ତି ସେମାନେ ଏହାପାଇଁ ପୁଣି ଅର୍ଥ ପାଉଛନ୍ତି। ଆମେ ଶୁଣିଥିଲୁ ଲୋକ ଗୋଇଠା ମାରି ବିଷ୍ଣୁ ହୁଅନ୍ତି କିନ୍ତୁ ଏଠି ଭାଷା, କଥା, ଅଙ୍ଗଭଙ୍ଗୀର ଯେଉଁ ଗୋଇଠା ଟି ନାରୀ ପାଉଛି ତାହା ପାଇଁ ପୁଣି ସେ ଅପମାନିତ ହେବା ସହ ତାକୁ ଯନ୍ତ୍ରଣା ଜର୍ଜରିତ କରୁଥିବା ଚରିତ୍ରମାନେ ଏକ ପ୍ରକାର ବାଚନିକ ବଳାତ୍କାର କରିବା ସହ ଅର୍ଥ, ପ୍ରଶଂସା ଓ ଫଲୋଅର ପାଉଛନ୍ତି ! ଭାରତୀୟ ପିଙ୍ଗଳ ସଂହିତାରେ ଏବଂ ଆମ ସମାଜର ଚରିତ୍ରରେ ସର୍ବସାଧାରଣରେ, ରାଜରାସ୍ତାରେ ଜଣେ ଅଶୀଳ କଥା କହିପାରିବ ନାହିଁ ଏହା ଦଣ୍ଡନୀୟ ଅପରାଧ। କିନ୍ତୁ ୟୁଟ୍ୟୁବରେ କିଛି ଚର୍ଚ୍ଚିତ କୁ ଚରିତ୍ରମାନେ ଖୋଲାଖୋଲି ଭାବେ ଜଣେ ନାରୀ ଚରିତ୍ରକୁ ଯେଉଁପରି ଅପମାନିତ କରୁଛନ୍ତି ଏହା କୁରୁସଭାର ଦ୍ରୌପଦୀଙ୍କ ଠାରୁ ଆଉ କମ ଅପମାନ ନୁହେଁ। ଦ୍ରୌପଦୀଙ୍କ ବସ୍ତ୍ର ହରଣ ଓ ଲୁହ ମହାଭାରତର ଦିଗକୁ କ'ଣ ନେଇଥିଲା ଓ କୌରବ ମାନଙ୍କ ପରିଣତି କ'ଣ ହୋଇଥିଲା ତାହା ସମସ୍ତଙ୍କୁ ଜଣା। ଆଲୋଚିତ ହେଉଥିବା ବର୍ଷାଙ୍କ ଠାରୁ ତ ବଡ଼ ଦୋଷୀ ହେଉଛନ୍ତି ସେ ନିରୀହ ଦେଖାଉଥିବା ଏକୋଇଶ ବର୍ଷ ବୟସ୍କ ଟୁଙ୍ଗୁରୁ ଭୋଳ। କିନ୍ତୁ ମାର ମାର ଭଣ୍ଡାରିଆକୁ ନ୍ୟାୟ ବଳରେ ସବୁ ଯାକ ଦୋଷ ଲଦା ଯାଉଛି ବର୍ଷାଙ୍କ ଉପରେ। ସେ ହୋଇଗଲେ ନାୟକ କିନ୍ତୁ ଏ ହୋଇଗଲେ ଖଳନାୟିକା। ସେ ତ ଏତେ କମ ବୟସର ପିଲା ନୁହେଁ ଯିଏ କିଛି ଜାଣି ନାହାଁନ୍ତି। ଯାହା ଖବର ପ୍ରକାଶ ପାଇଛି ଏହି ଟୁଙ୍ଗୁରୁ ପୂର୍ବରୁ ଏପରି କାରନାମାରେ ମାହିର। ବର୍ଷା ତାଙ୍କ ତାଲିକାରେ ବୋଧେ ଶେଷ ଚର୍ଚ୍ଚିତ ନାୟିକା। ଜଣେ ପ୍ରଥମଥର ଦୋଷ କରି ଫସି ନଥାଏ। ଏହା ପୂର୍ବରୁ ସେ ପ୍ରେମ କରିବା, ସମ୍ପର୍କର ଗଭୀର ଦିଗକୁ ଯିବା, ମୋବାଇଲରେ ରେକର୍ଡ଼ିଂ ରଖି ତାକୁ ଗୁପ୍ତ ରଖିବା ଏହାତ କମ ବଡ଼ କାରନାମା ନୁହେଁ। କିନ୍ତୁ ତାଙ୍କୁ ସାମାଜିକ ଗଣମାଧ୍ୟମ ଓ ସମାଜରେ ଦେଖାଯାଉଛି ନିରୀହ କିଶୋର ପିଲାଟିକୁ ବୟସ୍କା ମହିଳା ଜଣଙ୍କ ଜୋର ଯବରଦସ୍ତ ଏକ ପ୍ରକାର ଏକ ପାକ୍ଷିଆ ପ୍ରେମ କରି ତାଙ୍କୁ ସ୍ୱାମୀ କରିବା ପାଇଁ ଚାହୁଁଛନ୍ତି ସତେ ଯେପରି ମାଛିକୁ ମ ନକହୁଥିବା ଏ ଚରିତ୍ର ଟୁଙ୍ଗୁରୁ ଭୋଳଟି ! ! ଟୁଙ୍ଗୁରୁ ଭୋଳ ଚରିତ୍ରକୁ ଭଲ ଭାବେ ଦେଖନ୍ତୁ। ସେ କ'ଣ ନିର୍ଦ୍ଦୋଷୀ ଏବଂ ଅଜ୍ଞ। ସେ ସର୍ବପ୍ରଥମ ଦୋଷୀ ଏହି ଟୁଙ୍ଗୁରୁ କାରଣ ଯିଏ ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ଠାରୁ ଅର୍ଥ ହଡ଼ପ କରି ନିଜ ତନମନ ଶାନ୍ତି କରି ତାଙ୍କୁ କଳଙ୍କର ଗାତ ଭିତରକୁ ଠେଲି ଦେଇଛନ୍ତି। ତେଣୁ ସର୍ବପ୍ରଥମେ ଏହିପରି କମ ବୟସର ଟୁଙ୍ଗୁରୁ ମାନଙ୍କର ଚରିତ୍ର ପରି ପିଲାମାନଙ୍କୁ ପରିବାର ଶିକ୍ଷା ଦେଉ ଏବଂ ସେମାନେ ୟୁଟ୍ୟୁବ ଓ ସାମାଜିକ ଗଣମାଧମକୁ ମଧ ଆଦର୍ଶ ମାନନ୍ତୁ ନାହିଁ, ଜ୍ଞାନ ଓ ମଉଜମଜଲିସ ପାଇଁ ଏହା ଏକ ମାଧମ ଅବଶ୍ୟ।

ଆଲୋଚନାକୁ ଆସିବା, କୁହାଯାଉଥିବା ଏହି ବର୍ଷା ନାମ୍ନୀ ମହିଳା ଯଦି ଭୁଲ କରିଛନ୍ତି ସ୍ୱାମୀ ଓ ପିଲାଙ୍କୁ ଛାଡ଼ି ପରକ୍ରିୟାପ୍ରୀତିରେ ଲିପ୍ତ ଅଛନ୍ତି ଏହାର ଦଣ୍ଡ ଦେବାର ଅଧିକାର ପ୍ରଥମେ ତାଙ୍କ ସ୍ୱାମୀର ଓ ପରେ ଭାରତର ସମ୍ବିଧାନ ଠାରୁ ଶକ୍ତି ପାଇଥିବା ପୋଲିସ ବିଭାଗର। ଏବଂ ତାଙ୍କ ନାମରେ କୌଣସି ଅଭିଯୋଗ ବି ନାହିଁ ଏଯାବତ୍ ତାଙ୍କ ସ୍ୱାମୀଙ୍କ ମୁହଁ ଇନ୍ଦ୍ର, ସୂର୍ଯ୍ୟ ବି ବୋଧେ ଦେଖିଥିବେ। କିନ୍ତୁ ତାଙ୍କ ଫଟୋ ଠାରୁ ବଳିଗଲାଣି ସେହି ମହିଳାଙ୍କ ଫଟୋ। ଅନ୍ଧ ଧୃତରାଷ୍ଟ୍ରଙ୍କ ପରି ଯେଉଁମାନେ ଏପରି ଜଣେ ଆଜିର ସମୟର ଦ୍ରୌପଦୀଙ୍କ ଚରିତ୍ର ସଂହାର ବେଳେ ଅଟ୍ଟହାସ୍ୟ କରୁଛନ୍ତି କାଳ ସେମାନଙ୍କୁ ବି ଅଟ୍ଟହାସ୍ୟ କରିବ। ମନେରଖିବା ଉଚିତ ଯେଉଁ ମହିଳାଙ୍କୁ ଲଜ୍ଜିତ ଚରିତ୍ରାହୀନା କୁହାଯାଇ ଭୂଲୁଣ୍ଠିତ କରାଯାଉଛି ତାଙ୍କ ସ୍ୱାମୀ, ତାଙ୍କ ପିଲା ଓ ତାଙ୍କ ପରିବାରର ଦୋଷ କ'ଣ ? ସେମାନେ କ'ଣ ଦୋଷ କରିଥିଲେ ? ଆଜି ସେମାନଙ୍କ ମାଆଟି ବା ସେହି ସ୍ତ୍ରୀର ସ୍ୱାମୀଟି କେଉଁ ମୁହଁ ନେଇ ସମାଜରେ ଆଗଉ ଥିବ। ଟୁଙ୍ଗୁରୁଭୋଳ ଠାରୁ ଅନେକ ଚରିତ୍ର ଆମ ସମୟରେ ରହିଛନ୍ତି। ଆମେ ଯେଉଁମାନଙ୍କୁ ଆଲୋଚନା କରୁନାହୁଁ। ଛତିଶଗଡ଼ର ବୋରୱେଲ ଭିତରୁ ମୃତ୍ୟୁ ଦୂତ ସାଜି ଯେଉଁ ଏନଡିଆରଏଫ ଓ ସେନା ଯବାନ ମାନେ ତ୍ୟାଗ ଓ ସେବାର ପଟ୍ଟାନ୍ତର ଦେଖାଇଛନ୍ତି ସେମାନଙ୍କୁ ନେଇ ୟୁଟ୍ୟୁବରେ କେତେ ଚର୍ଚ୍ଚା ହେଉଛି ? ଆଜିର ଆଲୋଚିତ ବର୍ଷା ଚରିତ୍ରଙ୍କ ପରି ଚରିତ୍ର କ'ଣ ନଥିଲେ ନାଁ ନାହାଁନ୍ତି ? ହଲିଉଡ, ବଲିଉଡ, ଓଲିଉଡରେ ସ୍ୱାମୀଙ୍କୁ ଛାଡ଼ି ଓ ସ୍ୱାମୀଙ୍କୁ ଆଖି ଦେଖାଇ ମଧ ଦିନଦାହାଡ଼େ ଚରିତ୍ରର କୁକର୍ମ କରୁଥିବା ନାୟିକାଙ୍କର ତାଲିକା ବହୁତ ଲମ୍ୱା ରହିଛି। ତାଙ୍କ ଉପରେ କେହି ଚର୍ଚ୍ଚା କରିପାରିବେ ନାହିଁ ଆଜିର ସମୟରେ ତଥାକଥିତ ସମାଜରେ ବଡ଼ପଣ୍ଡା ନାମଧାରୀ ଓ ବଡ଼ ବଡ଼ିଆଙ୍କ ଘରେ ବି ଏପରି କାଣ୍ଡ କାରଖାନା ହେଉଛି। ତାଙ୍କ ଉପରେ ଚର୍ଚ୍ଚା କରିବାର ଜିଭ ନେଉଟିବ। ଟୁଙ୍ଗୁରୁ ଭୋଳ-ବର୍ଷାଙ୍କୁ ନେଇ ସୋସିଆଲ ମିଡ଼ିଆର ୟୁଟ୍ୟୁବରେ ଜଣେ ୟୁଟ୍ୟୁବର ସାହୁଜୀ ଭିଲୋଗସ୍ ଯେଉଁପରି କୁତ୍ସିତ ଭାଷା ଓ ବର୍ଣ୍ଣନା ସହ ଏହାକୁ ପ୍ରସାରଣ କରିଛନ୍ତି ତାହା ଅତ୍ୟନ୍ତ ହୃଦୟ ବିଦାରକ। ଅତ୍ୟନ୍ତ ଦୁଃଖର କଥା ସେହି ୟୁଟ୍ୟୁବରଙ୍କର ବୋଧେ ମାଆ ଭଉଣୀ ଏବଂ ଧର୍ମପତ୍ନୀ ଓ ଝିଅ ବୋଧେ ନାହାଁନ୍ତି ! ସେ ବି ଜଣେ ନାରୀର ପୁଅ, ସେ ବି ଜଣେ ନାରୀର ଭାଇ, ସେ ବି ଜଣେ ନାରୀର ସ୍ୱାମୀ ଆଉ ସେ ବି ଜଣେ ନାରୀର ବାପା। ସେ ହଲପ୍ କରି କହିପାରିବେ ମୁଁ ୟୁଟ୍ୟୁବରେ ଛାଡୁଥିବା ଏହି ଭାଷାର କଥାକୁ ମୋ ମାଆ ଓ ମୋ ଝିଅକୁ ମୁଁ ଦେଖାଇପାରିବି ? ଏପରି ସାମାଜିକ ଗଣମାଧମରେ ନିଜକୁ ଚର୍ଚ୍ଚିତ କରିବାକୁ ଯାଇ କଥାରେ ନାହିଁ ଘୁଅକୁ ମାଇଲେ ମୁହଁରେ ପଡ଼େ ସେ ନିଜେ ଅନ୍ୟକୁ କଳଙ୍କିତ କରିବା ପାଇଁ ଯାଇ ସେ ନିଜେ କଳଙ୍କର ମହାନାୟକ ପାଲଟୁଛନ୍ତି। ବୁଦ୍ଧି ଅଛି, ଜ୍ଞାନ ଅଛି, ରୂପ ଅଛି, ଖାନଦାନୀ ବୁନିଆଦି ଅଛି ସମାଜକୁ ସୁଧାରିବା ପାଇଁ ବାର୍ତ୍ତା ଦିଅନ୍ତୁ, କିନ୍ତୁ ବାର୍ତ୍ତା ସୁବାର୍ତ୍ତା ହେଉ, କୁବାର୍ତ୍ତା ହୋଇ ଦୁବାର୍ତ୍ତା ଦେଇ ଦୁର୍ବୃତ୍ତ ନହୁଅନ୍ତୁ।


'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୯୩୭୫୮୧୭୦୭


# ମାନସିକ ରୋଗ ଓ ଡାକ୍ତର


॥ ଡାକ୍ତର ସମ୍ରାଟ କର ॥


ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି । ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି । ଏହି ଅବସରରେ ବିଭିନ୍ନ ସମାରୋହ ମଧରେ ଆୟୋଜନ କରାଯାଏ ।

ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ୱା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁର୍ମୁଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ୍‌କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ। ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭଉିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ। ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡେ଼ିଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।


ମାନସିକରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩


# ଅହେତୁକ କୃପା


॥ ଅନୀତା ପଟ୍ଟନାୟକ ॥


ସୁନୟନା ଗୋଟିଏ କୌତୁହଳରେ ପରିପୂର୍ଣ୍ଣ ଝିଅଟିଏ ଥିଲା। ସେ ଅତ୍ୟନ୍ତ ସରଳ, ନିଷ୍କପଟ, ବନ୍ଧୁବତ୍ସଳ ଓ ପିତାମାତାଙ୍କର ଆଜ୍ଞାଧୀନା ଥିଲା। ସେ ତାର ଶିକ୍ଷକ ମାନଙ୍କୁ ସମ୍ମାନ କରୁଥିଲା, ସହପାଠିନୀ ମାନଙ୍କ ସହ ତାର ବ୍ୟବହାର ଅତ୍ୟନ୍ତ ସୁନ୍ଦର ଥିଲା। ଏ ସବୁ ସତ୍ତ୍ୱେ ତାର ମନରେ ଅସୁମାରୀ ପ୍ରଶ୍ନ ଉଙ୍କି ମାରୁଥିଲା। ଯଥା 'ସମସ୍ତଙ୍କୁ ପ୍ରେମକର' ଓ 'ସମସ୍ତଙ୍କୁ ସେବା କର' ଏହା କଣ ସମ୍ଭବ ? ଭଗବାନଙ୍କ ପିତୃତ୍ୱ ଓ ମନୁଷ୍ୟର ଭାତୃତ୍ୱ କ'ଣ ? ଅନେକତ୍ୱ ମଧ୍ୟରେ ଏକତ୍ୱ କ'ଣ ? ମାନବ ସେବା ହିଁ ମାଧବ ସେବା ଏହାର ତାତ୍ପର୍ଯ୍ୟ କ'ଣ ? ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହିପରି ପ୍ରଶ୍ନଗୁଡ଼ିକର ଉତ୍ତର ତାକୁ କିଏ ବା ଦିଅନ୍ତା ଯେଉଁ ଗାଁରେ କି ଏକବିଂଶ ଶତାବ୍ଦୀରେ ଲୋକଙ୍କ ପାଇଁ ବିଜୁଳି ଆଲୋକ ଦେଖିବା କଷ୍ଟକର ଥିଲା। ସୁନୟନା କିନ୍ତୁ ସହାସୀ ଥିଲା ଓ ନିରବିଚ୍ଛିନ୍ନ ଭାବେ ନିଜର କାର୍ଯ୍ୟ ପରିଚାଳନା କରୁଥିଲା। ତାକୁ ବିଦ୍ୟାଳୟର ବୈଷୟିକ ପାଠପଢ଼ା ନୀତି ବିହୀନ ରାଜନୀତି ଆକୃଷ୍ଟ କରିପାରୁନଥିଲା। ଏବଂ ସେ ଏକ ଆଧ୍ୟାତ୍ମିକ ଅନୁଷ୍ଠାନରେ ମିଶି ପ୍ରଥମେ ବୁଝି ପାରିଥିଲା ମନୁଷ୍ୟ ଓ ପଶୁ ମଧ୍ୟରେ ପାର୍ଥକ୍ୟ କ'ଣ ?

ଜଣେ ଦିବ୍ୟଦ୍ରଷ୍ଟା ସୁନୟନାକୁ ସୂଚନା ଦେଇ କହିଥିଲେ, ଯେ ମଣିଷ ଜାଣିପାରେ ଯେ ସେ ମଣିଷ କିନ୍ତୁ ଏକ ପଶୁ ତାର ଜୀବନ ସାରାରେ ଜାଣିପାରେନି ଯେ ସେ ଏକ ପଶୁ। ସେ କ'ଣ ନିଜକୁ ଜାଣିନଥାଏ। ମଣିଷ ଜାଣେ ପଶୁତ୍ୱ ଯୁକ୍ତ ଦିବ୍ୟତ୍ୱ ନେଇ ମନୁଷ୍ୟ ଗଢ଼ା। ପଶୁ ପ୍ରବୃତ୍ତିକୁ ଛାଡ଼ି ପାରିଲେ ସେ ଦୈବତ୍ୱ ନିକଟରେ ପହଞ୍ଚି ପାରିବ। ଏକଥା ଜାଣି ଶୁଣି ବୁଝି ମଧ ମଣିଷ ତା ଭିତରେ ଥିବା ପଶୁ ପ୍ରବୃତ୍ତି (ଯଥା କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ) ଏହି ଷଡ଼ରିପୁକୁ ଛାଡ଼ି ପାରେନା। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷକତା କରିବା ଓ ଏପରି ଚିନ୍ତାଧାରାକୁ ଲୋକ ମାନଙ୍କ ମଧ୍ୟରେ ପ୍ରବେଶ କରାଇବା ତା ପାଇଁ ଅତ୍ୟନ୍ତ କଷ୍ଟକର ପାଠ ଥିଲା। ସୁନୟନା ବଡ଼ ହେବା ସହିତ ବିବାହ କଲା। ଗୋଟିଏ ଉତ୍ତମ ପତ୍ନୀ, ଉତ୍ତମ ଶିକ୍ଷୟିତ୍ରୀ ଭାବେ ବିବେଚିତ ହୋଇଥିଲେ ମଧ ସ୍ୱାମୀ ଓ ପୁତ୍ର ମାନଙ୍କ ବିୟୋଗରେ ସେ ସାମାନ୍ୟ ବିଚଳିତ ହୋଇଥିଲା ଓ ଦୁଃଖିତ ମଧ ହୋଇଥିଲା। ହେଲେ ତାର ଆଧ୍ୟାତ୍ମିକ ଅନୁସନ୍ଧିତ୍ସା ତାକୁ ଏ ଗଭୀର ଦୁଃଖରୁ ଉଦ୍ଧାର ପାଇବାରେ ସାହାଯ୍ୟ କରିଥିଲା। ଏକ ମାତ୍ର କନ୍ୟାକୁ ଧରି ଜୀବନ ବିତାଉଥିବା ସମୟରେ ରାଜନୀତିରେ ପ୍ରବେଶ କରି ମାନବ ସେବାରେ ମନବଳାଇ ଥିଲା।

ଦିନେ ଦିବ୍ୟଦ୍ରଷ୍ଟା ତାଙ୍କୁ କହିଲେ ମାନବ ସେବା ହିଁ ମାଧବଙ୍କ ସେବା। ଏହାର ଅର୍ଥ କ'ଣ ଜାଣୁ। ସେ କହିଲା ନା ମତେ ବିଶଦ ଭାବରେ ବୁଝାଇ ଦିଅନ୍ତୁ। ଦିବ୍ୟଦ୍ରଷ୍ଟା କହିଲେ, ଯଦି ପୃଥିବୀ ଓ ସଚରାଚର ଜଗତ ଭଗବାନ ଗଢ଼ିଛନ୍ତି ତେବେ ସେ ହେଉଛନ୍ତି ଆମର ପିତା ଓ ଆମେ ତାଙ୍କର ସନ୍ତାନ। ତେଣୁ ଆମେ ସମସ୍ତେ ଏକ ପିତୃତ୍ୱ ଓ ଭାତୃତ୍ୱରେ ବନ୍ଧା। ଏହାକୁ କହନ୍ତି ଅନେକତ୍ୱ ମଧ୍ୟରେ ଏକତ୍ୱ। ଅନେକ ଧର୍ମ ଆମକୁ ଅଲଗା ପ୍ରତୀୟମାନ ହେଉଥାଇପାରେ। ଲିଙ୍ଗ, ଜାତି, ଧର୍ମ, ବର୍ଣ୍ଣ ସମାଜ ଅନୁଯାୟୀ ସମସ୍ତେ ଅଲଗା ଅଲଗା ପ୍ରତୀୟମାନ ହେଉଥିଲେ ମଧ ଏହି ବିବିଧତା ଭିତରେ ସେହି ଅଦୃଶ୍ୟ ଏକତ୍ୱଟି ହେଉଛି ଭଗବାନ। ଏହିପରି ଲୋକମାନଙ୍କର ସେବାରେ ଦିନ କାଟୁ କାଟୁ ସୁନୟନା ଦିନେ ରାଜ୍ୟପାଳ ହୋଇପାରିଥିଲେ। 'ତୁଳସୀ ଦୁଇ ପତ୍ରରୁ ବାସେ' ପରି ସୁନୟନାର ଜୀବନ ସୁବାସିତ ହୋଇଉଠିଲା। ଆଧ୍ୟାତ୍ମିକତାର ଝଲକରେ ରାଜ୍ୟପାଳ ପଦବୀ ମଧ ତା ନିକଟରେ ତୁଚ୍ଛ ମନେ ହେଲା। ଦିନେ ସେ ଭାବିଲା ମାନବ ସେବା ହିଁ ମାଧବ ସେବା କ'ଣ ? ଏହା କ'ଣ ସମ୍ଭବ ? ଭଗବାନ କ'ଣ ପ୍ରକୃତରେ ସର୍ବଶକ୍ତିମାନ। ଦିବ୍ୟଦ୍ରଷ୍ଟା ସେ ଦିନ ସୁନୟନା ନିକଟକୁ ଆସି କହିଲେ, ଯେତେ ବେଳେ ତୁମେ ଭାବିବ ତୁମେ ଅନ୍ୟମାନଙ୍କର ସେବା କରୁଛ ତାହା କେବଳ ଏକ କାର୍ଯ୍ୟରେ ପରିଣତ ହେବ 'ସେବା' ନୁହେଁ। ଯେତେବେଳେ ତୁମେ ହୃଦୟଙ୍ଗମ କରିବ ତୁମେ ପ୍ରେମପୂର୍ଣ୍ଣ ଭାବରେ ସେବା କରୁଛ, ନିଜର ସେବା କରୁଛି ଏବଂ ବୁଝିଚ ସମସ୍ତଙ୍କ ମଧ୍ୟରେ ଭଗବାନ ବିଦ୍ୟମାନ ସେତେବେଳେ ତାହା ସେବାରେ ପରିଣତ ହୁଏ। ଅପରପକ୍ଷେ କହିବାକୁ ଗଲେ ଦ୍ୱୈତ ଭାବ ରଖି ସେବା କରିବାକୁ 'କାର୍ଯ୍ୟ' କୁହାଯାଏ। କିନ୍ତୁ ପ୍ରେମପୂର୍ଣ୍ଣ ଭାବରେ ଅଦ୍ୱୈତ ଭାବ ରଖି କାର୍ଯ୍ୟ କରିବାକୁ ସେବା କୁହାଯାଏ। ଏହିପରି ସେବା ନିରନ୍ତର କରାଯିବା ଉଚିତ ଓ ସମସ୍ତଙ୍କ ପାଇଁ ସମାନ। ସେବାରେ ଦ୍ୱେଷ ନଥାଏ, ଘୃଣା ନଥାଏ କିମ୍ବା ଥକିଯିବାପଣ ନଥାଏ ଓ ଆଡ଼ମ୍ବର ନଥାଏ। ଝିଅ ! ତୁମକୁ ମୁଁ ଆଶୀର୍ବାଦ କରୁଛି ତୁମେ ଆଗକୁ ବଢ଼। ତା ପରଦିନ ଆଦିବାସୀ ଅଞ୍ଚଳରେ ଜନ୍ମ ହୋଇଥିବା ସୁନୟନା ଦେଖିଲା ଯେ ଯିଏ ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟାରମ୍ଭ କରିଥିଲା ସେ ଲୋକଙ୍କର ସେବା କରି ସାଂସଦ ଭାବେ ନିର୍ବାଚିତ ହୋଇପାରିଥିଲା ଓ ରାଜ୍ୟପାଳ ଭାବେ ଏକ ଏକ ରାଜ୍ୟର ଶୋଭାବର୍ଦ୍ଧନ କରିପାରିଥିଲା। ତାର ନାମ ଦେଶର ସମସ୍ତ ସମ୍ବାଦପତ୍ର ମାନଙ୍କରେ ଓ ଦୂରଦର୍ଶନରେ ଗୁଞ୍ଜରିତ ହେଉଛି ଯେ ସେ ଭାରତର ରାଷ୍ଟ୍ରମୁଖ୍ୟ ପଦବୀ ଗ୍ରହଣ କରିବାକୁ ଯାଉଛି। ଦିଗବଳୟକୁ ଚାହିଁ ସୁନୟନା ଭାବୁଛି ମତେ ଶକ୍ତି ଓ ସାମର୍ଥ୍ୟ ଦିଅ ଯେପରି ମୁଁ କୌଣସି ଭେଦଭାବ ନକରି ଲୋକଙ୍କର ସେବା କରିପାରିବି। ଦିବ୍ୟଦ୍ରଷ୍ଟା ସୁନୟନାକୁ ପୁଣି ସ୍ୱପ୍ନରେ କହିଛନ୍ତି ଭଗବାନ ହିଁ ସର୍ବଶକ୍ତିମାନ, କୌଣସି ଉଚ୍ଚ ପଦବୀ ନୁହେଁ, ଆଶ୍ଚର୍ଯ୍ୟଚକିତ ହୋଇ ସୁନୟନା ଜାଣି ପାରିଲା ଭଗବାନ କିପରି ଭାବେ ସର୍ବଶକ୍ତିମାନ। ଦିବ୍ୟଦ୍ରଷ୍ଟା କହିଲେ ସୁନୟନା ଆକାଶକୁ ଦେଖ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରକାରେ ପୃଥିବୀ ଉଦ୍ଭାସିତ ହେଉଛି। ଆଲୋକର ବେଗ ଅତ୍ୟନ୍ତ କ୍ଷୀପ୍ର ହୋଇଥିଲେ ମଧ ଅନେକ ତାରକାଙ୍କ ଆଲୋକ ଏ ପର୍ଯ୍ୟନ୍ତତ ପୃଥିବୀ ପୃଷ୍ଠରେ ପହଞ୍ଚି ପାରିନାହିଁ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି। ଥରେ ଚିନ୍ତା କରି ଦେଖ ସେ ତାରକା ମାନଙ୍କୁ ସୃଷ୍ଟି କରିଥିବା ଭଗବାନ କେତେ ଶକ୍ତିମାନ ହୋଇ ନଥିବେ ? ଶରଣାଗତ ହୁଅ ତାହା ତୁମକୁ ଶୀର୍ଷତାରେ ପହଞ୍ଚାଇ ପାରିବ ତୁମର ପଦବୀ ନୁହେଁ।


ଅବସରପ୍ରାପ୍ତ ପ୍ରଧାପିକା (ସଂସ୍କୃତ), ସିଡ଼ିଏ, କଟକ

## ଅସୁସ୍ଥ ହେଉଛି ସ୍ୱଚ୍ଛ ନୟାଗଡ଼

# ସାତ ଦିନରେ ଥରେ ବାଜୁଛି ଝାଡ଼ୁ : ଆବର୍ଜନା ଉଠାଇବାରେ ବି ଅବହେଳା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୌର ପରିଷଦରେ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନି । ଜନସଚେତନତାର ମଧ୍ୟ ଘୋର ଅଭାବୟ ଠିକାରେ ମାଳ ମାଳ କର୍ମଚାରୀ ନିଯୁକ୍ତି କରି ସରକାରୀ ଅର୍ଥକୁ ବରବାଦ କରାଯାଉଥିବା ବେଳେ ସହରବାସୀ ଆବଶ୍ୟକୀୟ ସୁବିଧା ପାଉନାହାନ୍ତି । ସ୍ୱଚ୍ଛ ସାଥି ସୁପରଭାଇଜର, ସଫେଇ କର୍ମଚାରୀ, ଅଳିଆ ଉଠାଇବା ପାଇଁ ଗାଡ଼ି, ବ୍ୟାଟେରି ଗାଡ଼ି ଠାରୁ ଆରମ୍ଭକରି ଅନେକ ପ୍ରକାର ସୁବିଧା ରହିଥିଲେ ମଧ୍ୟ ନୟାଗଡ଼ ସହରର ଯେଉଁ ଆଡେ ଦେଖିବ ଖାଲି ଆବର୍ଜନା ଗଦା ହୋଇ ରହୁଛି । ମାର୍କେଟ ଗୁଡ଼ିକର ଅବସ୍ଥା ସବୁଠାରୁ ସାଂଘାତିକ ହେଉଛ । କୁଢ଼ କୁଢ଼ ଆବର୍ଜନା ଦୋକାନ ବଜାର ଆଗରେ ଗଦା ହୋଇ ରହୁଥିବା ବେଳେ ଏହାକୁ ସଫା କରିବା ପାଇଁ ଆଦୌ ଧ୍ୟାନ ଦିଆଯାଉଛି । ନୟାଗଡ଼




ରାଜୀବ ମାର୍କେଟ ସାମ୍ନାରେ ପ୍ରତ୍ୟେକ ଦିନ ଅଳିଆ ଗଦା ହୋଇ ରହୁଛି । ସେହିଭଳି ଭାବେ ଓଡ଼ଗାଁ ରାସ୍ତାରେ ଥିବା ପରିବା ବଜାର, ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକ ନିକଟରେ ରହିଥିବା ଦୋକାନ ସାମ୍ନା, ତ୍ରିନାଥ ଛକ, କଲେଜ ରୋଡ଼ ପ୍ରଭୃତି ସ୍ଥାନରେ ଆବର୍ଜନା ଗଦା ଅସ୍ୱଚ୍ଛ ନୟାଗଡ଼ର ବାର୍ତ୍ତା ଦେଉଛି । ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ନିର୍ବାହୀ ଅଧିକାରୀ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ନୟାଗଡ଼ର ନିର୍ବାଚିତ ପ୍ରତିନିଧି ମାନେ ସେବା ସେବା ବଦଳରେ ସରକାରୀ ଅର୍ଥରେ ଠିକାଦାର ସାଜି ରୋଜଗାର କରିବାକୁ ଶ୍ରେୟ ମଣୁଛନ୍ତି ।ନୟାଗଡ଼ ବିକାଶ ଓ ଉନ୍ନତି ପଥରେ ଆଗେଇ ଚାଲିଥିବା ବେଳେ ଏଭଳି ବେପରୁଆ କାର୍ଯ୍ୟ ନୟାଗଡ଼କୁ ନିମ୍ନ ସ୍ତରକୁ ନେବ ବୋଲି ଆଲୋଚନା ହେଉଛି । ନୟାଗଡ଼ ଦେଇ ପଶ୍ଚିମ ଓଡ଼ିଶାରୁ ରାଜ୍ୟ ରାଜଧାନୀକୁ ଯାତାୟାତ କରୁଥିବା ହଜାର ହଜାର ଲୋକ ନୟାଗଡ଼ ବିକାଶ, ରୂପାନ୍ତରିତ ମୁଖଶାଳାକୁ ଦେଖି ଆବାକାବା ହେଉଥିବା ବେଳେ କୁଢ଼ କୁଢ଼ ଆବର୍ଜନାକୁ ଦେଖି ନୟାଗଡ଼ ଅବସ୍ଥା ପ୍ରତି ଅଟହାସ୍ୟ କରୁଛନ୍ତ । ନୟାଗଡ଼ ପୌର ପରିଷଦରେ ରହିଥିବା ନିୟମିତ ସଫେଇ କର୍ମଚାରୀ ଏବଂ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ବଜାର ଏବଂ ସହରର ବିଭିନ୍ନ ୱାର୍ଡ ରୁ ସଫେଇ ଆଳରେ ଚାନ୍ଦା ଆଦାୟ କରିବାରେ ବ୍ୟସ୍ତ ରହୁଛନ୍ତି । ଦୈନିକ ସକାଳ ୭ଟା ପୂର୍ବରୁ ସଫେଇ ସରିବାର ନିୟମ ରହିଥିବା ବେଳେ ଦିନ ୧୧ଟା ପର୍ଯ୍ୟନ୍ତ ସଫେଇ କର୍ମଚାରୀ ଝାଡ଼ୁ ଧରି ବଜାରରେ ବୁଲୁଥିବା ଦେଖିବାକୁ ମିଳିଛି । ପୌର ପରିଷଦ ପକ୍ଷରୁ ଏହାର ତଦାରଖ କରିବା ପାଇଁ ଆଦୌ ଧ୍ୟାନ ଦିଆଯାଉନାହିଁ । ଫଳରେ ସ୍ୱଚ୍ଛ ନୟାଗଡ଼ ଅସ୍ୱଚ୍ଛ ନୟାଗଡ଼ ଭାବେ ପରିଚୟ ସୃଷ୍ଟି କରୁଛି । ଅନେକ କଲୋନୀରେ ସାତ ଦିନରେ ଥରେ ବି ଝାଡ଼ୁ ବାଜୁ ନଥିବା ଦେଖାଯାଉଛି । ସଫେଇ ହେଲା ପରେ ବି ଆବର୍ଜନା ଉଠାଇବାକୁ ବିଳମ୍ବ କରାଯାଉଛି । ନୟାଗଡ଼ ସହର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସଫେଇ କର୍ମଚାରୀ ସଂଖ୍ୟା ବୃଦ୍ଧି ପାଉନାହିଁ । ଯେତିକ କର୍ମଚାରୀ ଠିକା ସଂସ୍ଥା ଜରିଆରେ ନିଯୁକ୍ତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ବଡ଼ ବଡ଼ିଆଙ୍କ ଘର କାର୍ଯ୍ୟ ପାଇଁ ପଠା ଯାଉଥିବା ଅଭିଯୋଗ ହେଉଛି । ନୟାଗଡ଼ ସହର ସ୍ୱଚ୍ଛତା ପାଇଁ ଶ୍ରେୟ ପାଇଥିବା ବେଳେ ଏବେ ସହରର ଗଳି କନ୍ଦି ଅବସ୍ଥାକୁ ଲକ୍ଷ କଲେ, ତାହା ବାରି ହେଉନାହିଁ । ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ଏସବୁ ପ୍ରତି ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି ।

## କାଳୀପୂଜାରେ ଯୋଗ ଦେଲେ ସାଂସଦ



ଗଣିଆ,(ମହାଭାରତ ) : ଗଣିଆ ସ୍ଥିତ ଚଉବଙ୍ଗ ନିକଟସ୍ଥ ଲକ୍ଷ୍ମୀବଜାର ପୂଜା ଉତ୍ସବରେ ମଙ୍ଗଳ ବାର ଦିନ ସନ୍ଧ୍ୟା ରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ପଂହଚି ମା' ଶ୍ୟାମା କାଳୀଙ୍କର ସନ୍ଧ୍ୟା ଅଳତୀ ଦର୍ଶନ କରିବା ସହିତ କୃପାଲାଭ କରିଥିଲେ । ଗଣିଆରେ ଲକ୍ଷ୍ମୀ ବଜାର କମିଟି ତରଫରୁ ସଂସଦ ଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ ।ସେଠାରେ ମଞ୍ଚର ଶୁଭ ଉଦଘାଟନ କରିବା ପରେ କମିଟିର ସଭାପତି ଗୋବିନ୍ଦ ଚନ୍ଦ୍ର ମହାରଣା ସମ୍ବର୍ଦ୍ଧିତ କରିଥିଲେ ।ତାଙ୍କ ସହିତ ଗଣିଆ ମଣ୍ଡଳ ସଭାପତି ମହାବୀର ପ୍ରାସାଦ ମିଶ୍ର, ସାସଂଦଙ୍କ ପ୍ରତିନିଧି ଶରତ କୁମାର କର, ଗଣିଆ ସରପଂଚ ଗିରିଧାରୀ ସେଠୀ, ରାସଙ୍ଗ ସରପଂଚ ମାନସ କୁମାର ମହାଖୁଡ଼, ବେଲପଡ଼ା ସରପଂଚ ସୁକନ୍ତ କୁମାର ଗଣ୍ଡିଆ, ଆଡ଼କଟା ସରପଂଚଙ୍କ ପ୍ରତିନିଧି ପ୍ରଶନ୍ତ ବାରିକି, କରଡ଼ାପଡ଼ା ସରପଂଚଙ୍କ ପ୍ରତିନିଧି ସମୀର କୁମାର ସାହୁ, ଗଣିଆ ସମିତିସଭ୍ୟ ଫକୀର ମୋହନ ଡାକୁଆ, ବରିଷ୍ଠ ନଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର, ନୟାଗଡ଼ ଜିଲା ବିଜେପି ଉପସଭାପତି ଚନ୍ଦ୍ରଶେଖର ଦାଶ, ବିଜେପି ନେତା ବିଭୁତିଭୁଷଣ ପଣ୍ଡା, ଗଣିଆ ବ୍ଲକର ଉପସଭାପତି ବାଉରୀବନ୍ଧୁ ରାଉତ, ଭାଗିରଥି ଗଡ଼ନାୟକ ସମେତ ବଜାର କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ମହାରଣା ଉପସ୍ଥିତ ରହିଥିଲେ । ସନ୍ଧ୍ୟାରେ ମା ଶ୍ୟାମାକାଳୀଙ୍କ ପୂଜା ମଣ୍ଡପ ନିକଟରେ ପ୍ରବକ୍ତା ବିଭୂତି ଭୂଷଣ ପଣ୍ଡା ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଭୁବନେଶ୍ୱରରୁ ଅରବିନ୍ଦ ମୁଦୁଲିଙ୍କ ସୁପୁତ୍ର ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଭଜନ ସଂଧ୍ୟା କାର୍ଯ୍ୟ କ୍ରମ ରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା ।

## ସାଇବର ସୁରକ୍ଷା ଅଭିଯାନ




ମାଲକାନଗିରି(ମହାଭାରତ):ଆଜି ମାଲକାନଗିରି ଜିଲ୍ଲା ଏମ ଭି ୭୯ ଥାନା ପ୍ରାଙ୍ଗଣରେ ପୋଲିସ ବିଭାଗ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଆୟୋଜିତ କରାଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧିକାରୀମାନେ ଓ ସାଧାରଣ ଲୋକ ଯୋଗଦେଇଥିଲେ ।ଏମ ଭି ୭୯ ଥାନା ଅଧିକାରୀ ଓଓଉ ଶ୍ରୀ ଚନ୍ଦ୍ରକାନ୍ତ ତାଣ୍ଡି ଲୋକମାନଙ୍କୁ ଅନଲାଇନ୍ ଠକେଇ, ଫେସବୁକ ଓ ହ୍ୱାଟସଅପ୍ ମାଧ୍ୟମରେ ହୋଇଥିବା ଠକେଇ, ଏବଂ ବ୍ୟାଙ୍କ ଫ୍ରଡ୍ରୁ ସତର୍କ ରହିବା ଉପରେ ଜଣାଇଥିଲେ । ସାଇବର ଅପରାଧ ବିଷୟରେ ସଚେତନତା ବଢ଼ାଇବା ଓ ସାଧାରଣ ଜନତାଙ୍କୁ ସୁରକ୍ଷିତ ରଖିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।ଅଧିକାରୀମାନେ ଲୋକଙ୍କୁ ସଲହା ଦେଇଥିଲେ ଯେ, କୌଣସି ଅଜଣା ଲିଙ୍କ୍ ଉପରେ କ୍ଲିକ୍ ନ କରିବା, ବ୍ୟକ୍ତିଗତ ସୂଚନା ଅନଲାଇନ୍ରେ ଶେୟାର୍ ନ କରିବା ଓ ସନ୍ଦେହଜନକ କାର୍ଯ୍ୟ ହେଲେ ତାହା ପୋଲିସଙ୍କୁ ଜଣାଇବା ଉଚିତ ।ଏହି ଅବସରରେ ପୋଲିସ ଅଧିକାରୀମାନେ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ ଓ ସାଇବର କ୍ରାଇମ ପୋର୍ଟାଲ୍ ବିଷୟରେ ସମସ୍ତଙ୍କୁ ଅବଗତ କରାଇଲେ ।କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ସାଇବର ସୁରକ୍ଷା ପାଇଁ ସଂକଳ୍ପ ନେଇ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦିଆଗଲା ।

## କୂଅରେ ପଡି ଯାଇ ବୃଦ୍ଧ ମୃତ

କରଞ୍ଜିଆ, (ମହାଭାରତ) ସମ୍ପର୍କୀୟ ଙ୍କ ଶବ ସତ୍କାର ପରେ ଅପରାହ୍ନ ରେ ଘରକୁ ଫେରି ଘର ସମ୍ମୁଖ ରେ ଥିବା କୂଅ ରୁ ପାଣି ବାହାର କରି ଗାଧୋଇବାକୁ ଯାଇ ଥିବା ଜଣେ ବୃଦ୍ଧ କୂଅ ରେ ପଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି ।ମୃତ ବ୍ୟକ୍ତି ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ କେଶଡ଼ିହା ଗ୍ରାମପଞ୍ଚାୟତ ବଡବାଲିପୋଷି ଗ୍ରାମର ସଦନ ହେମ୍ବ୍ରମ (୭୦) ବୋଲି ଜଣା ପଡ଼ିଛି । ସୋମବାର ଦିନ ଗ୍ରାମରେ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ପରେ ସଦନ ସେଠାକୁ ଯାଇ ଥିଲେ ।ପରେ ସେ ସମ୍ପର୍କୀୟ ଙ୍କ ମୃତ ଦେହ ସତ୍କାର କରି ଦିନ ପ୍ରାୟ ୩ ଟା ସମୟରେ ଘରକୁ ଫେରି କୂଅ କୁ ଗାଧୋଇବାକୁ ଯାଇଥିବା ବେଳେ କୂଅ ଭିତରକୁ ଖସି ପଡି ପାଣିରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କୁ ଉଦ୍ଧାର କରିବାକୁ ଖବର ଦେଇଥିଲେ ।ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳ ରେ ପହଞ୍ଚି କୂଅ ଭିତରୁ ସଦନ ଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯିବା ପରେ ଡକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଖବର ପାଇ ମହୁଲ ଡ଼ିହା ଥାନା ପୋଲିସ ପହଞ୍ଚି ମୃତ ଦେହ କୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

## କ୍ଲଷ୍ଟର ସ୍ତରିୟ ଶିଶୁ ମହୋତ୍ସବ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମର ସରକାରୀ ତେଲୁଗୁ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରିୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି ।ସି ଆର୍ ସି ସି ରଶ୍ମିତା ସାମଲଙ୍କ ତ□ବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ , ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମେଶ ରାଓ , ସରପ□, ସମିତି ସଭ୍ୟା, ଗୋଷାଣୀ ସିଡ଼ିପିଓ ନମିତା ମହାରଣା ମଞ୍ଚାସିନ ହୋଇଛନ୍ତି ।ସୁରଭି କାର୍ଯ୍ୟକ୍ରମର ଉଦ୍ଧେଶ୍ୟ ଓ ଏହାର ଆଭିମୁଖ୍ୟ ଉପରେ ବିଇଓ ଆଲୋକପାତ କରିଥିଲେ ।ଆଦର୍ଶ ଜୀବନ ଶୈଳୀ କାର୍ଯ୍ୟ ଆପଣାଇ ଉ□ମ ଛାତ୍ର ଛାତ୍ରୀ ଓ ଭବିଷ୍ୟତରେ ଜଣେ ସୁନାଗରିକ ହେବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ୧୩ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ୨୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉପସ୍ଥିତ ରହି ସଙ୍ଗୀତ, ହସ୍ତାକ୍ଷର, ଶ୍ରୁତଲିଖନ, ଚିତ୍ରାଙ୍କନ, ବକ୍ତୃତା,କୁଇଜ୍ , ହସ୍ତକଳା ଏବଂ ଚିତ୍ରକଳା ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା ।

## ପାରାଦୀପ ବନ୍ଦରରେ ହେବ ବୃହତ୍ତର ନିବେଶ

# ବାହୁଦା ବନ୍ଦର ସମେତ ଜାହାଜ ତିଆରି କାରଖାନାକୁ ମିଳିଲା ମଂଜୁରୀ: ବନ୍ଦର ଅଧ୍ୟକ୍ଷ

ପାରାଦୀପ(ମହାଭାରତ): ପାରାଦୀପ ବନ୍ଦରଠାରେ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ, ଜାହାଜ ତିଆରି କାରକାରଖାନା ସମେତ ଗଂଜାମ ଜିଲ୍ଲାର ବାହୁଦାଠାରେ ପାରାଦୀପ ବନ୍ଦର ପକ୍ଷରୁ ଏକ ସାଟେଲାଇଟ୍ ବନ୍ଦର ପ୍ରକଳ୍ପକୁ କେନ୍ଦ୍ର ସରକାର ମଂଜୁରୀ ଦେଇଛନ୍ତି । ମୁମ୍ବାଇଠାରେ ଆସନ୍ତା ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ ସପ୍ତାହ ଆୟୋଜିତ ହେବାକୁ ଯାଉଛି । ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛନ୍ତି । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସାମୁଦ୍ରିକ ରାଷ୍ଟ୍ର, ୨୦୦ ଆର୍ନ୍ତଜାତୀୟ ବିଶେଷଜ୍ଞ ଏବଂ ୫୦୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ସାମୁଦ୍ରିକ ଶିଳ୍ପ ଏକାଠି ହେବା ସହିତ ସାମୁଦ୍ରିକ ବିକାଶ କ୍ଷେତ୍ରର ଜ୍ଞାନ ଆଦାନପ୍ରଦାନ କରିବା ସହିତ ନିବେଶ ସୁଯୋଗ ସୃଷ୍ଟି କରିବ



ବୋଲି ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମ୍ରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ପାରାଦୀପ ବନ୍ଦର ଏହି ମହାପର୍ବରେ ସାମିଲ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମାରୋହକୁ ଉଦଘାଟନ କରିବେ । ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିବେ । ପ୍ରଥମ ଦିବସରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହ ଚରଣ ମାଝି ଉଦଘାଟନୀ ଦିବସରେ ସାମିଲ ହେବେ । ଏହି ଅବସରରେ ଜାହାଜ ନିର୍ମାଣ, ଜାହାଜ ମରାମତି, ବନ୍ଦର ଆଧୁନିକୀକରଣ, ସ୍ମାର୍ଟ ବନ୍ଦର ପଦକ୍ଷେପ, ବ୍ୟବସାୟରେ ବିକାଶ ଏବଂ ସବୁଜ ହାଇଡ୍ରୋଜେନ ପ୍ରକଳ୍ପ ସମେତ ବିଭିନ୍ନ କ୍ଷେତ୍ରରେ ୧.୫ ଲକ୍ଷ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ରାଜ୍ୟର ସାମୁଦ୍ରିକ ବିକାଶ ସମ୍ପର୍କରେ ଆଲୋଚନା ହେବା ସହିତ ବାହୁଦା ବନ୍ଦର ବିକାଶ ଏବଂ କେନ୍ଦ୍ରାପଡା ଜିଲ୍ଲାରେ ଏକ ଜାହାଜ ନିର୍ମାଣ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଓଡିଶା ସରକାର ପୂର୍ବରୁ ପାରାଦୀପ ବନ୍ଦର ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛନ୍ତି । ଏଥି ସହିତ ପୁରୀଠାରେ ଏକ କ୍ରୁଜ୍ ଟର୍ମିନାଲ ନିମନ୍ତେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି । ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ କରିବା ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ପୁରୀକୁ ଗୁରୁତ୍ୱ ଦେବା ସହିତ ଆଗାମୀ ୨ରୁ୩ ବର୍ଷ ମଧ୍ୟରେ ଏହାକୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାର ଲକ୍ଷ୍ୟ ରହିଥିବା ନେଇ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ଏହି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ପାରାଦୀପ ସମୁଦ୍ର ବେଳାଭୂମିରେ କାଲୁକା କଳା ପ୍ରଦର୍ଶନୀକୁ ଅଧ୍ୟକ୍ଷ ଶ୍ରୀ ହରନାଦ ଉଦଘାଟନ କରିଥିଲେ । ପାରାଦୀପ ବନ୍ଦରର ବିଭାଗୀୟ ମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବେଆଇନ ବାଣ ଦୋକାନରେ ପୋଲିସର ଚଢାଉ: ତିନି ବ୍ୟବସାୟୀ ଅଟକ

ଆସିକା (ମହାଭାରତ): ବେଆଇନ ବାଣ ବିକ୍ରି କରି ମୁନଫା କମାଇଥାନ୍ତେ ହେଲେ ଦୀପାବଳି ଦିନ ଉଠାଇ ନେଲା ପୋଲିସ । ଲାଭ କଣ ପାଇବେ ଏବେ ଜେଲ ରେ ଚକି ପେଷିବେ ବ୍ୟବସାୟୀ । ପ୍ରକାଶ ଥାଉକି ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗ୍ରାମରେ ଚାଲିଥିବା ବେଆଇନ ବାଣ ଦୋକାନ ଉପରେ ଦୀପାବଳି ଦିନ ପୋଲିସ ଚଢାଉ କରିଛି ।ଚଢ଼ାଉ ବେଳେ ବିଭିନ୍ନ ରକମ ର ଲକ୍ଷାଧିକ ଟଙ୍କାର ବାଣ ସହ ତିନି ବ୍ୟବସାୟୀ ଙ୍କୁ ଉଠାଇନେଇଛି ଆସିକା ପୋଲିସ । ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାରେ ମିନି ଶିବକାଶୀ ଭାବେ ପରିଚିତ ନଳବଣ୍ଟା ଗ୍ରାମ । ବାଣ ପ୍ରସ୍ତୁତି ଲାଗି ବେଶ ପରିଚିତି ଲାଭ କରିଛି ଏହି ଗ୍ରାମ । ତେବେ ସରକାରୀ ନିୟମକୁ ଅବମାନନା କରି ବିନା ଲାଇସେନ୍ସ ଓ ବିନା ସୁରକ୍ଷାରେ ବେଆଇନ ଭାବେ ଏକାଧିକ ଦୋକାନରେ ବାଣ ବିକ୍ରୀ ହେଉଥିବା ପୋଲିସ ଖବର ପାଇ ଆଜି ଆସିକା ଥାନା ଅଧିକାରୀ କୁଳମଣି ସେଠୀ ଏକ ସ୍ୱତନ୍ତ୍ର ଟିମ୍ ବାଣ ଦୋକାନରେ ଚଢାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛନ୍ତି ।ଅପର ପକ୍ଷରେ ପୋଲିସ ବେଆଇନ ବାଣ ଜବତ କରୁଥିବା ବେଳେ ଲାଇସେନ୍ସ ପ୍ରାପ୍ତ ଦୋକାନୀ ମାନେ ମଧ୍ୟ ବେଆଇନ ବାଣ ବିକ୍ରି କରୁଥିବା ଅଭିଯୋଗ କରିଥିଲେ ।ଅନେକ ବେଆଇନ ବାଣ ଦୋକାନୀ ଭୟରେ ଦୋକାନ ବନ୍ଦ କରିଦେଇଥିଲେ । ତେବେ ଘଟଣା ରେ ୩ ଜଣ ବାଣ ବ୍ୟବସାୟୀଙ୍କୁ ଅଟକ ରଖିଛି ପୋଲିସ ।

## ଯାତ୍ରୀବାହୀ ବସ ସହିତ ବାଇକ ଧକ୍କା

# ଜଣେ ମୃତ ଜଣେ ମୃତ ଜଣେ ଗୁରୁତର




କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଅଖାପଲାଣ ଛକ ନିକଟରେ ଯାତ୍ରୀବାହୀ ବସ୍ ସହ ବାଇକ୍ ଧକ୍କା ଜଣେ ମୃତ ଜଣେ ଗୁରୁତର । କରଞ୍ଜିଆ ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଶିବା ନାମକ ଯାତ୍ରୀବାହୀ ବସ ନଂ ଓଡ଼ି୧୧ ଗ ୯୮୨୧ ସୋମବାର ଦିନ ପ୍ରାୟ ୧୨ ଟା ସମୟରେ ବାଇକ ସହିତ ଧକ୍କା ହୋଇ ଯିବାରୁ ୨ ଜଣ ବାଇକ ଆରୋହି ଗୁରୁତର ହୋଇଛଥିଲେ । ଗୁରୁତର ଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯିବା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପରେ କଟକ ବଡ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିଲା । ତେବେ କଟକ ଯିବା ରାସ୍ତାରେ ଗୁରୁଚରଣ ମାହାଲି ର ମୃତ୍ୟୁ ହୋଇଥିଲା । ମିଳିଥିବା ସୂଚନା ଅନୁଯାୟୀ ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତା ରେ କରଞ୍ଜିଆ ରୁ ଯାତ୍ରୀ ନେଇ ବସ ଭୁବନେଶ୍ୱର ଯାଉଥିବା ବେଳେ ଅଖାପଲାଣ ଛକ ରେ ଦୁର୍ଘଟଣା ଘଟିଥିଲା ।ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅସନକୁଦର ଗ୍ରାମର ଗୁରୁଚରଣ ମାହାଲି (୨୫) ଓ ଫାଗୁ ମାହାଲି ଗ୍ରାମରୁ ବାଇକ ଯୋଗେ ୨ ଜଣ କେନ୍ଦୁଜିଆଣି ହାଟକୁ ଘୁଷୁରୀ ମାଂସ ବିକ୍ରି କରିବାକୁ ଯାଉଥିଲେ । ଅଖାପଲଣ ଛକ ରୁ ମୁଖ୍ୟ ରାସ୍ତା କୁ ବାଇକ ଯିବା ବେଳେ କରଞ୍ଜିଆରୁ ଆସୁଥିବା ଶିବା ବସ ସମ୍ମୁଖ ରେ ବାଇକ ଆସି ଧକ୍କା ହୋଇ ଥିଲା ।ଫଳରେ ବାଇକ ଟି ବସ ଚକ ରେ ଲାଗି ଯିବା ବେଳେ ବାଇକ ଆରୋହି ଦୁଇ ଜଣ ଛିଟିକି ପଡ଼ିଥିଲେ । ବସ ଡ୍ରାଇଭର ବାଇକ ଚାଳକ ଙ୍କୁ ବଞ୍ଚାଇ ବାକୁ ଯାଇ ଅଖାପଲାଣ ଛକ ର ରାସ୍ତା କଡରେ ଥିବା ଏକ ଜଳଖିଆ ଦୋକାନ ରେ ଯାଇ ଧକ୍କା ଦେଇଥିଲା । ଜଳଖିଆ ଦୋକାନ ପାଖରେ ଥିବା ଗ୍ରାହକ ମାନେ ଦୌଡ଼ି ପଳାଇ ଯାଇ ଏଥିରୁ ବର୍ତ୍ତି ଯାଇଥିଲା ବେଳେ ଏକ ସାଇକେଲ ମଧ୍ୟ ଚାପିହୋଇ ଯାଇଛି । ଜଳଖିଆ ଦୋକାନୀ ଏଥିରେ ଆହତ ହୋଇ ଥିବା ବେଳେ ବସ ର ଯାତ୍ରୀ ମାନେ ସୁରକ୍ଷିତ ଥିବାର ଜଣାପଡ଼ିଛି । ଠାକୁରମୁଣ୍ଡା ପୋଲିସ କେସ୍ ନଂ ୧୨୩/ ୨୦୨୫ ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ।

## ପୂର୍ବ ଶତ୍ରୁତାକୁ ନେଇ ଗୋଟିଏ ପରିବାରର ତିନି ସଦସ୍ୟଙ୍କୁ ସଂଘବଧ ଭାବେ ମରଣାତ୍ମକ ଆକ୍ରମଣ

ଆସିକା(ମହାଭାରତ):ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ନିରାଳ ଗ୍ରାମରେ ଗୋଟିଏ ପରିବାରର ତିନି ସଦସ୍ୟଙ୍କୁ ସଂଘବଧ ଆକ୍ରମଣ ଓ ପ୍ରକାଶ ଥାଉକି ଗତ କାଲି ପୂର୍ବଶତ୍ରୁତା ଓବାଣ ଫୁଟା ଘଟଣା କୁ କେନ୍ଦ୍ର କରି ନିରାଲ ଗ୍ରାମର ନିରଞ୍ଜନ ବେହେରା,ରଞ୍ଜନ ବେହେରା ତାଙ୍କ ମା ସାଇବାଣୀ ବେହେରା,ଓ କେଶବ ନାଇକ ବିଭିନ୍ନ ଛୁରୀ ମରଣାସ୍ତ୍ର ଧରି ସଂଘବଧ ଭାବେ ନିରାଳ ଗ୍ରାମର ବିଷ୍ଣୁପ୍ରିୟା ମଣ୍ଡଳ ଓ ତାଙ୍କ ସ୍ୱାମୀ ନାରାୟଣ ମଣ୍ଡଳଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ଉଦେଶ୍ୟରେ ଏକ ଛୁରୀ ଧରି ନାରାୟଣ ଙ୍କ ପେଟକୁ ଭୁସି ଦେଇଥିଲେ । ଏହା ଦେଖି ନାରାୟଣଙ୍କ ବାପା ଇନ୍ଦ୍ର ମଣ୍ଡଳ ଓ ଦାଦା ଚନ୍ଦ୍ର ମଣ୍ଡଳ ଛଡ଼ାଇବାକୁ ଆସିବାରୁ ଦାଦା ଚନ୍ଦ୍ର ମଣ୍ଡଳଙ୍କ ହାତରେ ଛୁରା ମାଡ଼ ହୋଇଥିଲା ।ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆସିକା ମେଡିକାଲ ଓ ପରେ ନାରାୟଣ ଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛିୟ ନାରାୟଣ ଙ୍କ ଅବସ୍ଥା ବର୍ତ୍ତମାନ ଜୀବନ ମୃତ୍ୟୁ ସହିତ ସଂଘର୍ଷ କରୁଛି ।ଘଟଣା ସ୍ଥଳରେ ଆସିକା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ଲ ଏନେଇ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛ ।

## ଶହୀଦ ବିଜେନ୍ଦ୍ରାନାଥ ସ୍ମୃତି ଦିବସ ପାଳିତ

ଗୋଲାମୁଣ୍ଡା,(ମହାଭାରତ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ଠାରେ ଥିବା ଶହୀଦ ବିଜେନ୍ଦ୍ରନାଥ ପାର୍କ ସ୍ଥିତ ସହୀଦ ସ୍ମୃତି ପୀଠ ଠାରେ ଗୋଲାମୁଣ୍ଡା ପୁଲିସ ତରଫରୁ ୬୬ ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବୀର ଶହୀଦ ବିଜେନ୍ଦ୍ରନାଥ ରାଉତ ଙ୍କ ସ୍ମୃତିଚାରଣ କରି ସ୍ମୃତି ପୀଠ ରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ,ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି,ଏସ୍.ଆଇ ବିଳାସିନୀ ଭୋଇ ,ଏ.ଏସ୍ .ଆଇ ପ୍ରେମରାଜ କଅଁର,,ସାମ୍ବାଦିକ ଆଶୁତୋଷ ରାଉତ ପ୍ରମୁଖ ଯୋଗଦେଇଥିଲେ । ସେହିପରି ବିଜେପି ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ବରିଷ୍ଠ ବିଜେପି ନେତା ଟଙ୍କଧର ନାଏକ,ବିଜେପି ମଣ୍ଡଳ ସଭାପତି ବୈଶାଖୁ କେତକୀ,ସଂଜୀବ ରାଉତ,ସହୀଦ ଙ୍କ ଭଉଣୀ ମାଣିକ୍ୟ ରାଉତ,ବାପା ପତିତ ରାଉତ ପ୍ରମୁଖ ଯୋଗଦେଇ ସହୀଦ ଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଦେଶ ତଥା ରାଜ୍ୟର ସେବା ପାଇଁ ସେମାନଙ୍କର ସାହସିକତା, ବୀରତ୍ୱ ଏବଂ ବଳିଦାନ ସଦାସର୍ବଦା ଅକ୍ଷୁର୍ଣ୍ଣ ହୋଇ ରହିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ ।

## ପ୍ରେମାନନ୍ଦ ଦାସ ଙ୍କ ସ୍ମୃତି ଚାରଣ ସଭା

ହାଟଡିହ(ମହଭାରତ):ହାଟଡିହି ମଙ୍ଗଳବାର ଦିନ ବିଷ୍ଣୁପ୍ରିୟା ବାଳାଶ୍ରମ ରେ ଏକ ମାସ ତଳେ ମୃତ୍ୟୁ ବରଣ କରିଥିବା ପ୍ରେମା ନନ୍ଦ ଦାସ ଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜନ କରାଯାଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପିତାମ୍ବର ପାଢ଼ୀ ରହିଥିଲେୟ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ହରିହର ସାମଲ, ସୁରେନ୍ଦ୍ର ପରିଡ଼ା, ବିନୋଦ ବିହାରୀ ଜେନା ପ୍ରମୁଖ ରହି ସ୍ମୃତି ଚାରଣ ସଭା ଆୟୋଜନ କରିଥିଲେ । ଏଥିରେ ସମାଜ ସେବୀ କୈଳାଶ ନାୟକ ମଧ୍ୟ ରହିଥିଲେ । ପିଲା ମାନଙ୍କ ପାଇଁ ତିଆରି କରିଥିବା ଏହି ଆଶ୍ରମ ରେ ବହୁ କୁନି କୁନି ଅନାଥ ପିଲା ପାଠ ପଢି ମଣିଷ ହୋଇଥିବା ବେଳେ ପରିଣତ ବୟସ ରେ ଅନେକ ବୃଦ୍ଧ ବାପା ମା ମାନେ ରହି ନିଜର ଶେଷ ଜୀବନ ଅତିବାହିତ କରିଥାନ୍ତି ।

## ଉତ୍କଳ ବାଳ ଆଶ୍ରମରେ ଦୀପାବଳି ପାଳନ

ସମ୍ବଲପୁର, (ମହାଭାରତ) ଦୀପାବଳି ଅବସରରେ ଜିଲ୍ଲାପାଳ ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା.ପ୍ର.ସେ), ସମ୍ବଲପୁର ସ୍ଥିତ ଉତ୍କଳ ବାଲ୍ ଆଶ୍ରମ ର ଶିଶୁମାନଙ୍କ ସହିତ ଦୀପାବଳି ଉତ୍ସବ ପାଳନ କଲେ ।ଏହି ଅବସରରେ ଶିଶୁମାନଙ୍କ ସହିତ ଦୀପାବଳିର ଆଲୋକ ଓ ଆନନ୍ଦ ସହିତ ସେମାନଙ୍କ ସହ ଉତ୍ସବ ଅନୁଭବ ଅଦାନ-ପ୍ରଦାନ ହେଲା ।ସୂଚନା ଅନୁଯାୟୀ ମୋଟ ୬୫ ଉତ୍କଳ ବାଲ ଆଶ୍ରମ ଶିଶୁଙ୍କ ସହିତ ପର୍ବ ପାଳନ କରିଲେ ଏବଂ ଖୁବ୍ ଆନନ୍ଦ, ଆଲୋକ ଓ ଖୁସିରେ ଭରିଥିଲା ପରିବେଶ ।

## ଗଣ୍ଡାମେର ବିଦ୍ୟାଳୟର ଉଦଘାଟନ ଉତ୍ସବ

ଗୋଲାମୁଣ୍ଡା (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗଣ୍ଡାମେର ଗ୍ରାମର ପ୍ରାଥମିକ ବିଦ୍ୟାଳୟ କୁ ଦୀର୍ଘ ୧୦ ବର୍ଷ ଧରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଉତ୍ତୀତ କରଣ ପାଇଁ ଗଣ୍ଡାମେର ଗ୍ରାମ ବାସିନ୍ଦା ଦାବି କରି ଆସୁ ଥିଲେ । ଏଥି ସହିତ ଗତ ୨୦୨୩ ମସିହା ମାର୍ଚ୍ଚ ୨୭ ତାରିଖ ରୁ ଅର୍ନିଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ କୁ ତାଲା ବନ୍ଦ କରି ଆନ୍ଦୋଳନ ମଧ୍ୟ କରିଥିଲେ ।ପରେ ଦୀର୍ଘ ୯ ମାସର ତାଲା ବନ୍ଦ ପରେ ବିଦ୍ୟାଳୟ ପରିଚାଳନା ସ୍ୱାଭାବିକ ହୋଇଥିଲା ।ଗତ ବିଜେଡି ସରକାର ଙ୍କ ସମୟରେ ଏହି ବିଦ୍ୟାଳୟଟି ଉତ୍ତୀତ ହୋଇପାରିଲା ନାହିଁ କିନ୍ତୁ ଅଗଷ୍ଟ ମାସ ୧୮ ତାରିଖ ରେ ବିଜେପି ସରକାର ଗଣ୍ଡାମେର ପ୍ରାଥମିକ ବିଦ୍ୟାଳୟ କୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଉତ୍ତୀତ ପାଇଁ ବିଜ୍ଞପ୍ତି ପ୍ରକାଶ ହୋଇଥିବାରୁ ଗଣ୍ଡାମେର ଗ୍ରାମବାସୀଙ୍କ ଦୀର୍ଘ ଦଶ ବର୍ଷ ର ସ୍ୱପ୍ନ/ଦାବୀ ସଫଳ ହୋଇଥିଲା ।ଏହି ଅବସରରେ ଆଜି ଗଣ୍ଡାମେର କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ର ଉଦ୍ଘାଟନ ଉତ୍ସବ ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଘ୍ନରାଜ ରାଉତ ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧିର ରଂଜନ ପଟ୍ଟଯୋଶୀ ,ସମ୍ମାନିତ ଅତିଥି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜୁନାଗଡ଼ ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ମନୋଜ କୁମାର ମେହେର, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ ପ୍ରମୁଖ ଉପସ୍ଥିତିରେ ଶୁଭ ଉଦ୍ଘାଟନ ହୋଇଥିଲା ।

## କମାଗଡ଼ ଗ୍ରାମରେ ବାଣ ଫୁଟାଇବା ବେଳେ ଅଘଟଣ, ନାବାଳକ ଆହତ

ଆସିକା (ମହାଭାରତ): ଆସିକା ଥାନା ଅନ୍ତର୍ଗତ କମାଗଡରେ ବାଣ ଫୁଟାଇବା ବେଳେ ଅଘଟଣ ଘଟିଛି । ଆହାତ ନାବାଳକ କମାଗଡ଼ ଗ୍ରାମର ନଅ ବର୍ଷୀୟ ହୃଷିକେଶ ବେହେରା ହୋଇଥିବା ଜଣାପଡିଛି। ପ୍ରକାଶ ଥାଉକି ଗତକାଲି ରାତିରେବାଣ ଫୁଟାଇଥିବା ବାଣ ମଧ୍ୟରୁ କିଛି ରହିଥିବା ଅଫୁଟା ବାଣ କୁ ଆଜି ବାରୁଦ ବାହାର କରି ହୃଷିକେଶ ଓ ତାର କେତେ ଜଣ ସାଙ୍ଗ ମିଶି ନିଆଁ ଲଗେଇଥିଲେ । ନିଆଁ ନ ଲାଗିବାରୁ ସେଥି ମଧ୍ୟରୁ ଗୋଟିଏ ବାଣ କାଢି ହୃଷିକେଶ ପାଟିରେ ଫୁଙ୍କିଥିଲେ ସେତେ ବେଳେ ହଠାତ ବାଣ ବିସ୍ଫୋରଣ ହୋଇ ହୃଷିକେଶ ର ମୁହଁ ଆଉ ଗୋଡ଼ ଜଳିଜାଇ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ପ୍ରଥମେ ଆହତ ନାବାଳକ କୁ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ ଏଠାରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି।

## କ୍ଲଷ୍ଟର ସ୍ତରିୟ ଶୀଶୁ ମହୋତ୍ସବ ୨୦୨୫ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ କତଲ କଇଠା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରିୟ ଶିଶୁ ମହୋତ୍ସବ ୨୦୨୫ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ସି ଆର୍ ସି ସି ସିଏଚ ଗୌରୀଙ୍କ ତ□ାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ .କେ କାମେଶ୍ୱର ରାଓ ଉଦଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ଏସ୍ ବାଲ ରାଜୁ , ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଟି କ୍ରୀଷ୍ଣା ରାଓ ପ୍ରମୁଖ ମଞ୍ଚାସିନ ଥିଲେ ।ଏହି କାର୍ଯ୍ୟକ୍ରମରେ ୭ ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଉପସ୍ଥିତ ରହି ସଙ୍ଗୀତ, ହସ୍ତାକ୍ଷର, ଶୃତଲିଖନ, ଚିତ୍ରାଙ୍କନ, ବକ୍ତୃତା,କୁଇଜ୍ ଭଳି ବିଭିନ୍ନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ ।ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।ନୂଆ କେରାଣ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍ ରବି କୁମାର, ବି ସୀତାପୁର ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭି.ନାରାୟଣ ରାଓ, ଅନରୋଡା ସ୍କୁଲର ପ୍ରଧାନଶିକ୍ଷକ ଏ. ଧାରମା ରାଓ, ଯାଜପୁର ସ୍କୁଲର ଶିକ୍ଷୟିତ୍ରୀ ବବିତା ପୁରୋହିତ, ପୁତୁଣୀ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏମ୍ ସ୍ୱପ୍ନା କୁମାରି, ତୁଳସୀପାଡୁ ବିଦ୍ୟାଳୟର ଭାରପ୍ରାପ୍ତ ଏ ଭାସ୍କର ରାଓ, ଅମରା ସ୍କୁଲର ଶିକ୍ଷୟିତ୍ରୀ ସୁଲତା ପାଣ୍ଡବ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରେଙ୍ଗାଲି କେନାଲରେ ପଡି ୪ ବର୍ଷର ଶିଶୁପୁତ୍ର ମୃତ୍ୟୁ

ଯାଜପୁର ବ୍ୟାସନଗର,(ମହାଭାରତ): କୋରେଇ ଥାନା ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତ ଭାଲୁକାହୁଡି ଆଦିବାସୀ ବସ୍ତିର ପିତା ଦାସୀରାମ କିସ୍କୁ ଓ ମାତା ସିନଗ କିସ୍କୁଙ୍କ ୪ ବର୍ଷର ଶିଶୁପୁତ୍ର ଲେଖେଇ କିସ୍କୁର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଘରେ କେହି ନଥିବା ସମୟରେ ଲେଖେଇ ପ୍ରତିଦିନ ପରି ମଙ୍ଗଳବାର ପ୍ରାୟ ଦିନ ୨ ଟା ସମୟରେ ଘର ପଛପଟେ ଜେଆଇସିକେ ( ଜାପାନ ଇ□ରନ୍ୟାଶନାଲ୍ କୋଅପରେଟିଭ ଏଜେନ୍ସି ) ବା' ଜାଇକା ଅଧିନରେ ଚାଲୁଥିବା ବାମପାର୍ଶ୍ୱ ବହୁମୁଖୀ ରେଙ୍ଗାଲୀ ପ୍ରକଳ୍ପ ନିକଟରେ ଖେଳୁଥିଲା । ସେଠାରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଛୋଟ ପିଲାଟି କେନାଲ ମଧ୍ୟକୁ ଗଳିପଡିଥିଲା । କେନାଲରେ ପ୍ରାୟ ୧୫ ଫୁଟର ପାଣି ଥିବାରୁ ଶୈଶବ ଟିର ମୃତ୍ୟୁ ଘଟିଥିଲା । ବହୁ ଖୋଜାଖୋଜି କରିବା ପରେ ପରିବାର ଲୋକ ଶିଶୁପୁତ୍ରର ଶବ ପାଇଥିଲେ। ଏନେଇ ୧୦୦ ରୁ ଉର୍ଦ୍ଧ୍ୱ ଆଦିବାସୀ ଲୋକ ଉତ୍ୟକ୍ତ ହୋଇ ରେଙ୍ଗାଲୀ ବହୁମୁଖୀ ପ୍ରକଳ୍ପର କ୍ୟାମ୍ପ ନିକଟରେ ଧାରଣା ଦେଇଥିଲେ। ଖବର ପାଇ କୋରେଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଶିଶୁଟିର ଶବ ବ୍ୟବଚ୍ଛେଦ ପାଇଁ ପଠାଇବାକୁ ବନ୍ଦୋବସ୍ତ କରିଥିବା ସୂଚନା ମିଳିଛି ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ୭ ମାସ

# ନୟାଗଡ଼ବାସୀଙ୍କ ପାଇଁ ସ୍ୱପ୍ନ ପାଲଟିବ ଚିନିକଳ

ନୟାଗଡ଼, ( ମହାଭାରତ ) : ପୁରୀ ସାଂସଦ ସମ୍ବିତ ପାତ୍ର ର୍ନିବାଚନ ମଇଦାନରେ ନୟାଗଡ଼ ବାସୀଙ୍କୁ ଶହେ ଦିନ ମଧ୍ୟରେ ଚିନିକଳ ଚାଲିବା ନେଇ ପ୍ରସ୍ତୁତି ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ର୍ନିବାଚନ ଫଳାଫଳ ।ହାରିକାକୁ ଦେଢ଼ବର୍ଷ ବିତିଥିବା ବେଳେ ସାଂସଦଙ୍କ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ନୟାଗଡ଼ ଜିଲ୍ଲା କଣ୍ଟାବଣିଆ ଗ୍ରାମ ଆଖୁଚାଷୀ ମାନେ ପ୍ରଶ୍ନ କରିଛନ୍ତି। ଚିନିକଳ ଚାଲିବାକୁ ନେଇ ଅନେକ ସନ୍ଦେହ ରହିଥିବା ବେଳେ ଲୋକଙ୍କୁ ସାଂସଦଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଣିର ଗାର ବୋଲି ସାଧାରଣ ଲୋକେ କହିଛନ୍ତି। ସମାନ ଭାବେ ଗତ ଡିସେମ୍ବର ମାସରେ ଅନୁଷ୍ଠିତ ଜିଲ୍ଲା ମହୋତ୍ସବ ଉଦ୍ଘାଟନ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ନୟାଗଡ଼ରେ ନୂତନ ଚିନିକଳ ପ୍ରତିଷ୍ଠା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବେ ବୋଲି କହିଥିଲେ। ଏହା ମଧ୍ୟରେ ୭ ମାସ ବିତି ସାରିଥିବା ବେଳେ ନୂତନ



ଚିନିକଳ ସ୍ଥାପନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲ୍ଲାବାସୀଙ୍କ ମଧ୍ୟରେ ଦ୍ୱନ୍ଦ ଉପୁଜିଲାଣି। ନୟାଗଡ଼ ଜିଲ୍ଲାବାସୀଙ୍କୁ ନେତା ମାନେ ଚିନିକଳ ନାଁରେ ମିଛ ଆଶ୍ୱାଳନ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଭଙ୍କି ମାରିଛି। ନୟାଗଡ଼ ଜିଲ୍ଲା ପାଣିପୋଇଲା ଠାରେ ଅବସ୍ଥିତ ଚିନି ଶିଳ୍ପ ୨୦୧୫ ମସିହାରୁ ତାଲା ଝୁଲୁଛି। ଚିନିଶିନର ୯୦ ପ୍ରତିଶତ ଯନ୍ତ୍ରାଂଶ ଚୋରି ହୋଇସାରିଛ। ଏଭଳି ସ୍ଥିତିରେ ଚିନିଶିଳ୍ପକୁ ନେଇ କୋର୍ଟରେ ଅନେକ ମାମଲା ଚାଲିଛି। ଚିନିଶିଳ୍ପକୁ କିଣିଥିବା ମାଲିକ ତ୍ରୈଲୋକ୍ୟ ମିଶ୍ର ସରକାରଙ୍କ ନାଁରେ ୧୫ ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମାମଲା କରିଥିବା ବେଳେ ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ବକେୟା ଦରମାକୁ ନେଇ ମାମଲା ରହିଛି। ସମବାୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଚିନିଶିଳ୍ପ ନାଁରେ ୟୁକୋ ବ୍ୟାଙ୍କରୁ ଅନେକ ଟଙ୍କାର ଋଣ ରହିଛି। ଏଭଳି ସ୍ଥିତିରେ କିଛିଦିନ ତଳେ ଚିନିଶିଳ୍ପ ମାଲିକ ତ୍ରୈଲୋକ୍ୟ ମିଶ୍ର, ନୟାଗଡ଼ ସୁଗାର କମ୍ପ୍ଲେକ୍ସ ନିଃ ଏମ୍ଡି ପ୍ରମୁଖ ସାଂସଦଙ୍କୁ ସାକ୍ଷାତ କରିଥିଲେ। ଏହାକୁ ନେଇ ଲୋକଙ୍କ ମନରେ କିଛି ଆଶା ସଂଚାର ହୋଇଥିଲା। ଏହାର କିଛି ଦିନ ପରେ ଜିଲ୍ଲାପାଳ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ଡାକି ଚିନିଶିଳ୍ପ ଉପରେ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିଲେ। ଏହି ସମୀକ୍ଷା ବୈଠକରେ ବିଭିନ୍ନ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସମବାୟ ବିଭାଗ ପକ୍ଷରୁ ଚିନିଶିଳ୍ପ ଦାୟିତ୍ୱରେ ରହିଥିବା ଏମ୍ଡି ସବୀର ପଣ୍ଡା ଅନୁପସ୍ଥିତ ରହିଥିଲେ। ସବୀର ପଣ୍ଡାଙ୍କ ଦାୟିତ୍ୱରେ ଚିନିଶିଳ୍ପର ସମସ୍ତ କାଗଜପତ୍ର ଏବଂ କୋର୍ଟରେ ଚାଲିଥିବା ମାମଲାର ତଥ୍ୟ ରହିଥିବା ବେଳେ ତାଙ୍କ ଅନୁପସ୍ଥିତି ପାଇଁ ଅନ୍ୟ ଏକ ସମୀକ୍ଷା ବୈଠକ କରାଯିବ ବୋଲି ଆଲୋଚନା ହୋଇଥିଲା। ଚିନିଶିଳ୍ପ ଅବସ୍ଥା, କୋର୍ଟ ମାମଲାକୁ ଲକ୍ଷ୍ୟ କଲେ ତାହା ପୁନଃ କାର୍ଯ୍ୟକ୍ଷମ ହେବା ସମ୍ଭାବନା ଦେଖାଯାଉନାହିଁ। ୨୦୧୩-୧୪ ଆର୍ଥୀକ ବର୍ଷରେ ଆଖୁଚାଷୀ ଏବଂ ପରିବହନ ବାବଦରେ ୭ କୋଟି ଟଙ୍କା ବାକି ରହିଛି। ୨୦୧୫ ମସିହାରୁ ଚିନିଶିଳ୍ପରେ ତାଲା ଝୁଲୁଛି। ଶେଷ ସମୟରେ ଚିନି କାରଖାନାରେ କାମ କରୁଥିବା ୨୩୧ ଜଣ କର୍ମଚାରୀଙ୍କ ମଧ୍ୟରୁ ଅନେକ ବେକାର ହୋଇ ବସିଥିବା ବେଳେ, କେତେକ ଚାଷବାସ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଉପରପାହ୍ୟାର ଅନେକ କର୍ମଚାରୀ ରାଜ୍ୟ ବାହାର ଚିନିଶିଳ୍ପରେ ଅଧିକ ବେତନରେ ନିଯୁକ୍ତି ପାଇଥିବା ବେଳେ ଚିନିକଳ ନିକଟବର୍ତ୍ତୀ ଅଞ୍ଚଳର ତଳପାହ୍ୟା କର୍ମଚାରୀ ମାନେ ପେଟକୁ ମୁଠାଏ ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ଚିନିକଳ ଶ୍ରମିକଙ୍କର ୬ କୋଟି ୬୭ ଲକ୍ଷ ଟଙ୍କା ବେତନ ବାକିଥିବା ନେଇ ଶ୍ରମ ଅଦାଲତରେ କେଶ ଚାଲୁଥିବା ବେଳେ କମ୍ପାନୀ ମାଲିକ ଧରାଛୁଆଁ ଦେଉନାହାନ୍ତି। ଏଭଳି ସମସ୍ୟା ଭିତରେ ଚିନିକଳ ଚାଲିବା ସମ୍ଭବ ପର ନଥିବା ଜଣାପଡ଼ିବା ପରେ ନୂତନ ଚିନିକଳ ସ୍ଥାପନ ନେଇ ପ୍ରଶାସନ ଓ ସାଂସଦ ଆଲୋଚନା କରିଥିଲେ। ଏହାକୁ ନେଇ ଜମି ଚିହ୍ନଟ ଆରମ୍ଭ ହୋଇଥିବା ବେଳେ ମିଳିତ କ୍ରିୟାନୁଷ୍ଠାନ କମିଟି ପୁରୁଣା ଚିନକଳ ନିକଟବର୍ତ୍ତୀ ସ୍ଥାନରେ ଚିନିକଳ ସ୍ଥାପନ ପାଇଁ ଦାବି କରୁଛି। କ୍ରିୟାନୁଷ୍ଠାନ କମିଟି ପୁରୁଣା ଚିନିକଳ ସଂଲଗ୍ନ ରାସୋଳ ମୌଜା, ଖାତା ନଂ-୨, ପ୍ଲଟ ନମ୍ବର ୧.୨.୩ ମୋଟ ଏରିଆ ୧୧୧୩୭ ଏକର ସ୍ଥାନର ସ୍କେଚ୍ ମ୍ୟାପ ଜିଲ୍ଲାପାଳଙ୍କୁ ଗତ ସେପ୍ଟେମ୍ବର ୨୬ ତାରିଖରେ ପ୍ରଦାନ କରାଯାଇଥିଲା। ପୁନର୍ବାର ଗତ ଡିସେମ୍ବର ୩ ତାରିଖରେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କ୍ରିୟାନୁଷ୍ଠାନ କମିଟି ସାକ୍ଷାତ କରିଥିଲେ। ସେ ଏଥିପାଇଁ କୌଣସି ଲିଖିତ ପ୍ରସ୍ତାବ ପାଇ ନଥିବା କହିଥିଲେ। ବାରମ୍ବାର ଏ ଦିଗରେ କ୍ରିୟାନୁଷ୍ଠାନ କମିଟି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ନୟାଗଡ଼ରେ ପୁଣି ଚିନିକଳ ପ୍ରତିଷ୍ଠା ହେବ ନାଁ ନୟାଗଡ଼ବାସୀଙ୍କ ପାଇଁ ତାହା ସ୍ୱପ୍ନ ପାଲଟିବ ବୋଲି ପ୍ରଶ୍ନ ଉଠିଛି।

## ଉତ୍କଳ ବାଳାଶ୍ରମର ଶିଶୁଙ୍କ ସହ ଦିପାବଳୀ ପାଳିଲେ ଗଜପତି ଜିଲ୍ଲାପାଳ



ଗଜପତି(ମହାଭାରତ): ଆଲୋକର ଏହି ପର୍ବ ଦିପାବଳୀ ଅବସରରେ ଆଜି ଗଜପତି ଜିଲ୍ଲାପାଳ ଶ୍ରୀମତି ମଧୁମିତା ଉତ୍କଳ ବାଳାଶ୍ରମ ପରିଦର୍ଶନ କରିବା ସହ ଅନୁଷ୍ଠାନର ଶିଶୁଙ୍କ ସହ ଦିପାବଳି ପାଳନ କରିଛନ୍ତି । ପ୍ରଥମେ ଜିଲ୍ଲାପାଳ ବାଳାଶ୍ରମରେ ପହଞ୍ଚି ପିଲାମାନଙ୍କ ଭଲମନ୍ଦ ବୁଝିବା ସହ ଅନୁଷ୍ଠାନର ବିଭିନ୍ନ କକ୍ଷ ପରିଦର୍ଶନ କରି ତଦାରଖ କରିଥିଲେ । ଉକ୍ତ ଆଶ୍ରମରେ ୫୦ ଜଣ ଝିଅ ରହୁଥିବା ବେଳେ ୨୬ ଜଣ ପୁଅ ରହୁଛନ୍ତି । ପରେ ଶିଶୁମାନଙ୍କ ଗହଣରେ ରହି ସେମାନଙ୍କ ନାଚ ଗୀତ ଦେଖିଥିଲେ ଏବଂ ମିଷ୍ଟାନ ଖୁଆଇ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ପିଲାଙ୍କ ସହ ମିଶି ବାଣ ଫୁଟାଇଥଲେ। ଜିଲ୍ଲାପାଳଙ୍କ ସହ ଦିପାବଳୀ ପାଳନ କରି ଶିଶୁମାନେ ବେଶ୍ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଡ଼ମ୍ବରୁ ଧର ବଳବନ୍ତ ଏବଂ ଉତ୍କଳ ବାଳାଶ୍ରମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫'

ଦଶପଲ୍ଲା,(ମହାଭାରତ): ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅବସରରେ ପି.ଏମ. ଶ୍ରୀ ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରେ ମଙ୍ଗଳ ବାର ଦିନ ସାଂସ୍କୃତିକ ରଙ୍ଗରେ ରଙ୍ଗିନ ହୋଇଉଠିଲା। ଏହି ବର୍ଷର ମହୋତ୍ସବର ବିଷୟ ଥିଲା ମୋ ସ୍ୱପ୍ନର ଓଡ଼ିଶା ୨୦୩୬, ଯାହା ଶିଶୁମାନଙ୍କ ମନରେ ଭବିଷ୍ୟତ ଓଡ଼ିଶା ପ୍ରତି ସଜଗ ସ୍ୱପ୍ନ ଓ ଦେଶପ୍ରେମର ନୂତନ ଆଲୋକ ପ୍ରଜ୍ୱଳିତ କରିଥିଲା। ଏ ଅବସରରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ନିଜ କରକମଳରେ ସୁରଭି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସେ ନିଜ ଉଦ୍ବୋଧନରେ କହିଥିଲେ ଯେ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ମନରେ ଯେଉଁ ସ୍ୱପ୍ନ ଜନ୍ମ ନେଉଛି, ସେହି ସ୍ୱପ୍ନ ଆଗାମୀ ଓଡ଼ିଶାକୁ ଗଢ଼ିତୋଳିବ। ସଂସ୍କୃତି ଓ ଶିକ୍ଷା ଯେଉଁଠି ମିଶିଥାଏ, ସେଠି ଅସଲି ଉନ୍ନତି ଆସେୟ ଅନ୍ୟତମ ଅତିଥି ହେଲେ ବିଇଓ ଭକ୍ତ ବିନୋଦ ସଲ, ଏବିଓ ଶ୍ୟାମ ସୁନ୍ଦର ଯାନୀ, ଗୋପବନ୍ଧୁ ଦେହୁରୀ ଓ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ମଞ୍ଚାସୀନ ଥିଲେ। ସି ଆର ସି ସି ଭଗବାନ ଦେହୁରୀ ଅତିଥିଙ୍କ ପରିଚୟ ପ୍ରଦାନ କରି ଥିଲେ। ପୁଷ୍ପାଞ୍ଜଳି ଗୋଚ୍ଛେଇ ମଞ୍ଚ ପରିଚାଳନା କରିଥିଲେୟ ଅତିଥିମାନେ ଶିଶୁମାନଙ୍କ ଉଦ୍ୟମ ଓ ଦକ୍ଷତାକୁ ପ୍ରଶଂସା କରି ତାଙ୍କୁ ଭବିଷ୍ୟତର ଆଲୋକବାହକ ଭାବେ ଅଭିହିତ କଲେ ।ମହୋତ୍ସବରେ ନୃତ୍ୟ, ସଙ୍ଗୀତ, ନାଟକ, ଅଭିଭାଷଣ, ଚିତ୍ରାଙ୍କନ ଓ ସଂସ୍କୃତିକ ପ୍ରଦର୍ଶନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଶିଶୁମାନେ ନିଜ ନିଜର ଅଭିନୟ ଓ ସୃଜନାଶୀଳ ଭାବନା ଦ୍ୱାରା ଓଡ଼ିଶାର ଗୌରବ, ପରିବେଶ ସୁରକ୍ଷା ଓ ସମାଜ ସେବା ଭଳି ବିଷୟକୁ ଅପୂର୍ବ ଭାବେ ଉପସ୍ଥାପନ କରିଥିଲେ ।ଉଦଯାପନୀ ଉତ୍ସବରେ ଅତିଥି ଭାବେ ଦଶପଲ୍ଲା ଏନ ଏ ସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ସ୍କୁଲ ଏସ ଏମ ସି ର ସଭାପତି ଓମ ପ୍ରକାଶ ନାୟକ, ପଞ୍ଚସଖା ଶିକ୍ଷାସେତୁ ବ୍ରଜେନ୍ଦ୍ର ପ୍ରସାଦ ଧଳ,ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ, ଉପସ୍ଥିତ ଥିଲେ। ସମସ୍ତ ଅତିଥି ସୁରଭି କାର୍ଯକ୍ରମ ଉପରେ ଆଲୋକପାତ କରିଥିଲେ। ବ୍ଲକ ସ୍ତରୀୟ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ଜିଲ୍ଲା ସ୍ତରୀୟ ସୁରଭି କୁ ଯିବା ପାଇଁ ପ୍ରତିଭା ମାନଙ୍କୁ ବଛା ଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶିଶୁମାନଙ୍କୁ ପୁରସ୍କୃତ କରାଗଲା। ଅଭିଭାବକମାନେ ଓ ଅତିଥିମାନେ ଶିଶୁମାନଙ୍କ ପ୍ରତିଭା ଦେଖି ଗର୍ବିତ ଅନୁଭବ କରିଥିଲେ ।ଦଶପଲ୍ଲା ମଣ୍ଡଳରେ ଆୟୋଜିତ ଏହି ସୁରଭି-୨୦୨୫ ମହୋତ୍ସବ ନିଶ୍ଚୟ ଶିଶୁମାନଙ୍କ ସାଂସ୍କୃତିକ ଜାଗୃତି ଓ ସମଗ୍ର ମଣିଷ ହିସାବରେ ଗଢ଼ି ଉଠିବାର ଏକ ପ୍ରେରକ ମ□ ଭାବେ ସ୍ମରଣୀୟ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ବାଲିଚନ୍ଦ୍ରପୁର,(ମହାଭାରତ): ୫୩ ନଂ ଜାତୀୟ ରାଜପଥ ବାଲିଚନ୍ଦ୍ରପୁର ବାଇପାସ ଛକରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଯେ ବାଲିଚନ୍ଦ୍ରପୁର ଥାନା ବରଦା ପଂଚାୟତ ବରଦା (ଧମନଦୀ) ଗ୍ରାମର ନାରାୟଣ ଦାସଙ୍କ ପୁଅ କିରଣ ଦାସ (୩୬) ବାଲିଚନ୍ଦ୍ରପୁର ବଜାରରୁ ନିଜ ଗ୍ରାମ ବରଦାକୁ ମଟରସାଇକେଲ (ଓ ଡ଼ି ୦୪ ଆର ୬୯୯୭) ଯୋଗେ ଫେରୁଥିବା ସମୟରେ ବାଲିଚନ୍ଦ୍ରପୁର ବାଇପାସ ଛକରେ ଏକ ଦୃତଗାମି ଟ୍ୟାଙ୍କର (ଏନ ଏଲ ୦୧ ଏ ଇ ୮୩୪୫)ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବା ଫଳରେ ତାଙ୍କର ବାଇକଟି ଗାଡ଼ିର ଚକା ତଳେ ରହିଥିବା ସ୍ଥଳେ ସେ ଦୁରକୁ ଛିଟିକି ପଡ଼ି ଗୁରୁତର ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଲୋକମାନେ ଆମ୍ବୁଲାନ୍ସ ଡ଼ାକି ତାଙ୍କୁ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାରମ୍ଭିକ ଚିକିତ୍ସା ପରେ ଡ଼ାକ୍ତର ତାଙ୍କୁ କଟକ ସ୍ଥାନାନ୍ତରୀତ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିଥିବା ବେଳେ ଟ୍ରକ୍ ଡ୍ରାଇଭର କୈଶଳ କ୍ରମେ ପଳାଇଯାଇଥିଲା। ପୋଲିସ ରାସ୍ତା ଅବରୋଧ ହଟାଇ ଘଟଣାର ତଦନ୍ତ ଚାଲୁରଖିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଏନ.ଏଚ ୫୩ ୮ଲେନ ବିଶିଷ୍ଟ ସମ୍ପ୍ରସାରଣ କାମ ଚାଲିଥିବା ବେଳେ ମୁଖ୍ୟ ଛକ ମାନଙ୍କରେ କାମ କରୁଥିବା କମ୍ପାନୀ ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥା ଠିକ୍‌ନଥିବାରୁ ଏହିପରି ବାରମ୍ବାର ଦୃର୍ଘଟଣା ହୋଇ ଜୀବନହାନି ଘଟୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଶାଳଗଣ୍ଡି ସହ ଜଣେ ଗିରଫ

ପରଜଙ୍ଗ -(ମହାଭାରତ) ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ରେଞ୍ଜ ମୁକ୍ତାପସୀ ଫରେଷ୍ଟ ସେକ୍ସନ ନିକଟସ୍ଥ ମଝିଖମଣା ଗାଁ ଜଙ୍ଗଲରେ ଶାଳ ଗଛ କାଟୁଥିଲା ବେଳେ ଜଣେ କାଠ ମାଫିଆକୁ ଗିରଫ କରିଛି ବନବିଭାଗ। ସୂଚନା ମୁତାବକ ଗିରଫ ଅଭିଯୁକ୍ତ ସୁଶାନ୍ତ କୁମାର ସାହୁ (୫୩) ପିତା ଯୁଧିଷ୍ଠିର ସାହୁ ମୁକ୍ତାପସୀ ପଞ୍ଚାୟତର ମଝିଖମଣା ଗ୍ରାମର। ତେବେ ଚୋର ଶାଳ ଗଣ୍ଡି ୪୫ ଖଣ୍ଡ ୨୦ଟି ବ୍ଲକ୍‌ହା, ଆନୁମାନିକ ଏକ ଶହ ଘନ ଫୁଟ ରୁ ଉର୍ଦ୍ଧ ହେବା ଶହ ଅଭିଯୁକ୍ତ ସୁଶାନ୍ତକୁ ଅଦାଲତ ଚଲାଣ କରାଯାଇ କେଶ ନଂ ୨୧ ଓ ୫୬ ବର୍ଯ୍ୟାପ୍ତି ସର୍ମଗ୍ରୀ ଜବତ କରାଯାଇଛି ବୋଲି ମୁକ୍ତାପସୀ ଫରେଷ୍ଟ ପ୍ରଦୀପ୍ତ କୁମାର ଭଞ୍ଜ ସୂଚନା ଦେଇଛନ୍ତ।

## ପୁଲିସ ପୋଷାକ ପିନ୍ଧି ମଦ୍ୟପାନ କରି ଉତ୍ପାତ ମଚାଇବା ପଡିଲା ମହଙ୍ଗା

# ନିଲମ୍ବନ ହେଲେ ସଦର ଥାନା ଏଏସ୍ଆଇ ଓ କନେଷ୍ଟବଲ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ସଦର ଥାନା ର ଦୁଇ ପୁଲିସ କର୍ମଚାରୀ ନିଲମ୍ବିତ। ନିଲମ୍ବିତ କରିଛନ୍ତି ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀ। ମହଙ୍ଗା ପଡିଲା ପୁଲିସ ପୋଷାକରେ ନିଶା ସେବନ କରିବା। ନିଲମ୍ବିତ ସଦର ଥାନା ଏଏସ୍ଆଇ ପ୍ରଭାସ କୁମାର ସବର ଓ କନେଷ୍ଟବଲ ପ୍ରଶନ ପ୍ରଧାନ। ଗତ ଶନିବାର ଦିନ ନୟାଗଡ଼ ସଦର ଥାନା ନିକଟବର୍ତ୍ତୀ ଜାତୀୟ ରାଜପଥ ଉପରେ ଦୁଇଜଣ ପୁଲିସ




କର୍ମଚାରୀ ନିଶା ସେବନ କରି ଉତ୍ପାତ ମଚାଇଥିବା ଦେଖିବାକୁ ମିଳିଥିଲା। ସଦର ଥାନାରେ କାର୍ଯ୍ୟରତ ଜଣେ ଏଏସ୍ଆଇ ପ୍ରଭାସ କୁମାର ସବର ଓ ଜଣେ କନଷ୍ଟେବଳ ପ୍ରଶନ ପ୍ରଧାନ ଏଭଳି କରିବା ଦେଖିବାକୁ ମିଳିଥିଲା। ଥାନା ନିକଟବର୍ତ୍ତୀ ଚା' ଦୋକାନ ପାଖରେ ନିଶାସକ୍ତ ଅବସ୍ଥାରେ ଦୀର୍ଘ ସମୟ ଧରି ସାଧାରଣ ଲୋକଙ୍କୁ ଙ୍କୁ ଅଶ୍ଳୀଳ ଗାଳି ଗୁଳଜ କରିଥିବା ଅଭିଯୋଗ ହୋଇଥିଲା। ଏହି ଦୁଇ ପୁଲିସ କର୍ମଚାରୀଙ୍କର ଏହା ନିତିଦିନିଆ ଘଟଣା ହେଇଥିବା ବେଳେ ସବୁ ଜାଣି ବରିଷ୍ଠ କର୍ମଚାରୀ ଚୁପ ରହୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଗତ ଶନିବାର ଦିନ ପରିସ୍ଥିତି ଅଣାୟତ ହୋଇଛି। ଜଣେ ପୁଲିସ କର୍ମଚାରୀ ବେହୋସ ଅବସ୍ଥାରେ ଚା' ଦୋକାନରେ ପଡିଥିବା ବେଳେ ଅନ୍ୟ ଜଣେ ନିଜ ବାଇକ୍ ଉପରେ ସୋଇପଡିଛନ୍ତି। ଶହ ଶହ ଲୋକ ଦୁଇ ପୁଲିସ କର୍ମଚାରୀଙ୍କ ଉତ୍ପାତ ଦେଖି ଅଟ୍ଟହାସ୍ୟ କରୁଥିବା ବେଳେ ସଦର ଥାନାର ଅନ୍ୟ ପୁଲିସ କର୍ମଚାରୀ ମାନେ ସବୁ ଜାଣି ନୀରବ ରହୁଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ଖବର ପ୍ରସାରିତ ପରେ ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜ୍ୟ ଗୃହ ବିଭାଗ ଓ ପୁଲିସ ମହାନିର୍ଦ୍ଦେଶକ ଙ୍କ ପାଖରେ ସୋସିଆଲ ମିଡ଼ିଆ ଏକ୍ସ ମାଧ୍ୟମରେ ଅଭିଯୋଗ ହୋଇଥିଲା। ଗୃହ ବିଭାଗ ପକ୍ଷରୁ ନୟାଗଡ଼ ଏସ୍ପି ଦୁଇ ପୁଲିସ ଅଧିକାରୀ ଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଆସିଥିଲା ତେବେ ଏହି ଘଟଣା ଏବେ ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀ ନେଇଛନ୍ତି କାର୍ଯ୍ୟାନୁଷ୍ଠାନ। ଦୁଇ ପୁଲିସ କର୍ମଚାରୀଙ୍କୁ କରିଛନ୍ତି ନିଲମ୍ବିତ।

# ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ସ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।
ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

# ମା ଯୋଗମାୟା ଶକ୍ତିପୀଠ



କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଶକ୍ତିପୀଠ ଭାବେ ପରିଚିତ ମା'ଯୋଗମାୟା ପୀଠ। ଏହି ପୀଠ ଜିଲ୍ଲାର ଗୁର୍ଜିମୁଣ୍ଡା ଗ୍ରାମ ଠାରେ ଅବସ୍ଥିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପୀଠକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥାଏ। ଜିଲ୍ଲାର କେସିଁଗାଁ ବ୍ଲକ ଠାରୁ ମାତ୍ର ୧୫ କିମି ଦୂରତା ରେ ଅବସ୍ଥିତ ଗୁର୍ଜିମୁଣ୍ଡା ଗ୍ରାମ ଯେଉଠି ରହିଛି ମାଁ ଯୋଗମାୟା ଦେବୀଙ୍କ ଶକ୍ତିପୀଠ। ଏଠାରେ ଅନେକ କିର୍ତ୍ତିରାଜି ରହିଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ଓ ଉଚ୍ଚକୋଟିର କାରୁକାର୍ଯ୍ୟରେ ଭରା ଏହି ମନ୍ଦିର ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ଏଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ମା ଯୋଗାମାୟାଙ୍କ ପୀଠକୁ ଆସି ଯିଏଯାହା ମାନସିକ କରେ ତାହା ମା ପୂରଣ କରନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ ରହିଛି। ତେଣୁ ଏହି ପୀଠକୁ ରାଜ୍ୟ ତଥା ରାଜ୍ୟବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ଗୁର୍ଜିମଣ୍ଡା ମା ଯୋଗମାୟା ଦେବୀଙ୍କ ପୀଠ ମଧ୍ୟରେ ଦେଖିବାକୁ ମିଳେ ବହୁ ଉଚ୍ଚକୋଟିର କାରୁକାର୍ଯ୍ୟ। ଯାହା ଦେଖିଲେ ମନ ଭରିଯାଏ। ମନ୍ଦିର ର ମୁଖ୍ୟ ଦ୍ୱାର ଦେଇ ଗଲେ ପ୍ରଥମେ ମା ଯୋଗମାୟା ଦେବୀଙ୍କ ମନ୍ଦିର ପଡ଼େ। ମନ୍ଦିରର ପୂର୍ବଦିଗରେ ରହିଛି ଯଜ୍ଞ ମଣ୍ଡପ। ପଶ୍ଚିମରେ ଅଗ୍ରପୂଜ୍ୟ ଗଣେଷଙ୍କ ମନ୍ଦିର, ଉତ୍ତର ଦିଗରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବିରି ପୁରା ପାହାଡ଼ ଓ ଦକ୍ଷିଣ ଦିଗରେ ରହିଛନ୍ତି ବଜରଙ୍ଗବଲି। ମନ୍ଦିର ମଝିରେ ରହିଛି ବର୍ଷ ବର୍ଷ ଧରି ଅଖଣ୍ଡ ଜଳିବା ପାଇଁ ଏକ ଅଖଣ୍ଡ ଦ୍ୱିପ ଗୃହ। ସୁନ୍ଦର କାରୁକାର୍ଯ୍ୟ ସହିତ ମନୋରମ ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିପାରୁଥିବା ବେଳେ ସତରେ ନଦେଖିଲେ ଏହି ସୁନ୍ଦରତାକୁ ବିଶ୍ୱାସ କରିହେବ ନାହିଁ। ଏହି ବିରି ପୁରା ପାହାଡ଼ରେ ବହୁ କିର୍ତ୍ତିରାଜ ରହିଛି। ଲୋକ ମତ ଅନୁସାରେ ପୂର୍ବକାଳରେ ଏହି ବିରି ପୁରାପାହାଡ଼ ଗୁମ୍ଫା ମଧ୍ୟରେ ୩ ଜଣ ମୁନିରୁଷି ତପଶ୍ୟା କରୁଥିଲେ। ପାହାଡ଼ ଉପରେ ସାତଟି କୁଅ ରହିଛି ଯାହା ବର୍ଷ ତମାମ ସୁଖେନାହିଁ ଏବଂ ସାତ ଭଉଣି ଦେବୀଙ୍କ ପୀଠ କୁଆଡ଼େ ଏଠାରେ ରହିଛି ବୋଲି ଲୋକେ ମତବ୍ୟକ୍ତ କରୁଥିବା ବେଳେ ଏହି ପାହାଡ଼କୁ ଦେବଗୁମ୍ଫା ବୋଲି କୁହାଯାଏ। ଏଠାରେ ଧବଳେଶ୍ୱର ଓ କପିଳେଶ୍ୱରଙ୍କ ଆଭିର୍ବାଭ ହୋଇଥିବା ବେଳେ ଏଠାରେ ପୂର୍ବକାଳରେ ମୁନିରୁଷି ମାନେ ଏଠାରେ ପୂଜା କରିଆସୁଥିଲେ। ପରବର୍ତ୍ତି ସମୟରେ ଏଠାରେ ଏବେ ଜଣେ କୁମ୍ଭୀର ସଂପ୍ରଦାୟର ପୂଜକ ପାହାଡ଼ର ବିଭିନ୍ନ ସ୍ଥାନରେ ଥିବା ଦେବାଦେବୀଙ୍କୁ ପୂଜା କରିଆସୁଛନ୍ତି।



# ଉପକାରୀ ବରକୋଳି



ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।

- ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।
- ହଜମ ଶକ୍ତି ବଢାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।
- ବରକୋଳିର ଆଚାର ମଧ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।
- ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।

# ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ। ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ। ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ। ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି। ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ। କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା। ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି। ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି।
ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ। ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ଥ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ।



# ତୁଳସୀଙ୍କ କଥା



ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା। ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା। ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ। ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ। ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ। ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ। ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା। ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ। ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।
ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ। ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

# ହୃଦରୋଗୀ ପ୍ରତିଦିନ ଖାଆନ୍ତୁ ଶିମ୍ବ

ଶୀତଦିନେ ମିଳୁଥିବା ପରିବା ହେଉଛି ଶିମ୍ବ। ଏହା ଖାଇବାକୁ ସ୍ୱାଦିଷ୍ଟ ଏବଂ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।



ଏଥିରେ ପ୍ରୋଟିନ,ଭିଟାମିନ୍ ଓ ମନେରାଲ୍ସ ରହିଛି,ଯାହା ଓଜନ ହ୍ରାସ କରିବା ସହିତ ପାର୍କିନସନ ପରି ରୋଗକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଶିମ୍ବ କୋଲେଷ୍ଟ୍ରଲର ସ୍ତର ନିୟନ୍ତ୍ରଣ କରିଥାଏ। ତେବେ ଆସନ୍ତୁ ଜାଣିବା ଶିମ୍ବ ଖାଇଲେ ଅନ୍ୟ କେଉଁସବୁ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିଥାଏ।

- ଶିମ୍ବରେ ଥିବା ଭିଟାମିନ୍ ବି ,ଫୋଲେଟ୍,କ୍ୟାଲସିୟମ୍ ,ଆଇରନ ଓ ସେଲେନିୟମ୍ ହିମୋଗ୍ଲୋବିନ୍ ବୃଦ୍ଧି କରିଥାଏ ଏବଂ ଫାଇବର ପାଚନ ତନ୍ତ୍ରକୁ ଠିକ୍ ରଖିଥାଏ।
- ଶିମ୍ବ ନିୟମିତ ଭାବରେ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ଏପରି ଏକ ପରିବା ଯାହା ଶରୀରରେ ଆଣ୍ଟି-ଅକ୍ସିଡାଣ୍ଟକୁ ସକ୍ରିୟ କରିଥାଏ, ଯାହା ଯୋଗୁଁ ସେଲ୍‌ରେ ଫ୍ରି ରାଡିକାଲ୍ସ ହୋଇନଥାଏ।
- ଏଥିରେ ଥିବା ମ୍ୟାଗ୍ନେସିୟମ୍ ହାଡକୁ ମଜବୁତ କରିଥାଏ। ଏକ ଗବେଷଣାରୁ ଜଣାପଡିଛି ଯେ ମ୍ୟାଗ୍ନେସିୟମର ଅଭାବରୁ ହାଡ ଉପରେ ଖରାପ ପ୍ରଭାବ ପଡିଥାଏ। ହାଡକୁ ମଜବୁତ୍ ରଖିବା ପାଇଁ ପ୍ରତିଦିନ ଶିମ୍ବଖାନ୍ତୁ।
- ଓଜନ ବୃଦ୍ଧି ଯୋଗୁଁ ଅନେକ ଲୋକ ଚିନ୍ତାରେ ରହନ୍ତି। ଓଜନ କମ୍ କରିବା ପାଇଁ ପ୍ରତିଦିନ ଶିମ୍ବ ଖାଆନ୍ତୁ। ଗୋଟିଏ କପ୍ ଶିମ୍ବରେ ୧୮୭ କିଲୋ କ୍ୟାଲୋରୀ, ୧୩ ଗ୍ରାମ ପ୍ରୋଟିନ୍ ଓ ୯ ଗ୍ରାମ ଫାଇବର ରହିଛି। ଏଥିପାଇଁ ଶିମ୍ବ ଖାଇଲେ ପେଟ ପୂରିଲା ଭଳି ଲାଗିଥାଏ ଏବଂ ଭୋକ କମ୍ ହୋଇଥାଏ।
- ଶିମ୍ବ ହାର୍ଟ ପାଇଁ ବହୁତ ଭଲ। ଏହା ହାର୍ଟକୁ ସୁସ୍ଥ ରଖିବା ସହିତ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଥିବା ମ୍ୟାଗ୍ନେସିୟମ ଓ ପୋଟାସିୟମ୍ ରକ୍ତ ବାହିକାକୁ ଆରାମ ଦେଇଥାନ୍ତି। ଏହାଦ୍ୱାରା ଉଚ୍ଚ ରକ୍ତଚାପ କମ୍ ହୋଇଥାଏ। ଏଥିପାଇଁ ହୃଦରୋଗୀ ଏହାକୁ ପ୍ରତିଦିନ ଖାନ୍ତୁ।

# ‘ଟ୍ରଫି ଚୋର’ ନକଭୀଙ୍କୁ କଡ଼ା ଇ-ମେଲ ପଠାଇଲା ବିସିସିଆଇ





ନୂଆଦିଲ୍ଲୀ, ୨୧।୧୦: ଏସିଆ। କପ ଜିତିବା ସତ୍ତ୍ୱେ ଭାରତୀୟ କ୍ରିକେଟ ଟିମକୁ ଟ୍ରଫି ନ ଦେଇ ନିଜ ସହ ନେଇ ଯାଇଥିବା ଏସିସି ଅଧକ୍ଷ ମୋହଶିନ ନକଭୀଙ୍କ ଅଡୁଆ ବଢ଼ିଛି। ଏସିସି ଅଧକ୍ଷ ସହ ପାକିସ୍ତାନ କ୍ରିକେଟ ବୋର୍ଡର ମୁଖିଆ ଭାବେ କାମ କରୁଥିବା ନକଭୀଙ୍କୁ ବିସିସିଆଇ ପକ୍ଷରୁ ବିଧିବଦ୍ଧ ଭାବେ ଗୋଟିଏ ଇ-ମେଲ ପଠାଯାଇଛି।

ବିଜେତା ଭାରତକୁ ଏସିଆ କପ ଟ୍ରଫି ତୁରନ୍ତ ହସ୍ତାନ୍ତର କରିବାକୁ ବିସିସିଆଇ ଇ-ମେଲରେ କଡ଼ା ଭାବେ କହିଛି। ନଚେତ ଏହା ବିରୋଧରେ ଆଇସିସିରେ ଅଭିଯୋଗ କରାଯିବ ବୋଲି ବିସିସିଆଇ ସ୍ପଷ୍ଟ ଭାବେ ନକଭୀଙ୍କୁ ଶୁଣାଇ ଦେଇଛି।

ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। କହିଛନ୍ତି ଯେ ଇ-ମେଲ କରିବା ପରେ ନକଭୀଙ୍କ ଜବାବକୁ ସେମାନେ ଅପେକ୍ଷା କରିଛନ୍ତି। ଯଦି ନକଭୀ କିମ୍ବା ଏସିସି ପକ୍ଷରୁ କୌଣସି ଜବାବ ନ ମିଳିବ, ତାହେଲେ ପ୍ରସଙ୍ଗକୁ ତୀବ୍ର କରାଯିବ। ଆଇସିସିକୁ ଇ-ମେଲ ଯୋଗେ ବିଧିବଦ୍ଧ ଭାବେ ବିସିସିଆଇ ପୂରା ଘଟଣା ସମ୍ପର୍କରେ ଅବଗତ କରାଇବ। ବିସିସିଆଇ ନିୟମ ଅନୁସାରେ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେବ ବୋଲି ସାଇକିଆ ସୂଚନା ଦେଇଛନ୍ତି।

ଏସିଆ। କପ ଟ୍ରଫି ଏବେ ଦୁବାଇ ସ୍ଥିତ ଏସିସି ଅଫିସରେ ରହିଛି ଭାରତ ଏସିଆ କପ ଫାଇନାଲ ଜିତିଥିଲେ ହେଁ ନକଭୀଙ୍କ ହାତରୁ ଟ୍ରଫି ନେବାକୁ ମନା କରିଦେଇଥିଲା। ଏଥିପାଇଁ ନକଭୀ ସେବେଠାରୁ ଏହାକୁ ନେଇ ଚଳି ଯାଇଛନ୍ତି ପୂରା ବିବାଦରେ ବିସିସିଆଇକୁ ଶ୍ରୀଲଙ୍କା ଓ ଆଫଗାନିସ୍ତାନ କ୍ରିକେଟ ବୋର୍ଡର ସମର୍ଥନ ହାସଲ କରିଛି ଉଭୟ କ୍ରିକେଟ ବୋର୍ଡ ଭାରତକୁ ଟ୍ରଫି ହସ୍ତାନ୍ତର କରିବାକୁ ନକଭୀଙ୍କୁ କହିଛନ୍ତି।ହେଲେ ନକଭୀ ନିଜ ଜିଦରେ ଅଟଳ ରହିଛନ୍ତି।

ବିସିସିଆଇର କେହି ଜଣେ ପ୍ରତିନିଧି ଦୁବାଇ ଆସି ତାଙ୍କ ଠାରୁ ଟ୍ରଫି ଗ୍ରହଣ କରନ୍ତୁ ବୋଲି ନକଭୀ ଚାହୁଁଛନ୍ତ। ତେଣୁ ପୂରା ଘଟଣା ଯଥାପୂର୍ବଂ ତଥା ପରଂମ ସ୍ଥିତିରେ ରହିଛି ବିସିସିଆଇ ନକଭୀଙ୍କ ଠାରୁ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ରୋକଠୋକ ମନା କରିଦେଇଛି। ତେଣୁ ପ୍ରସଙ୍ଗ ଆଇସିସି ବୈଠକରେ ଉଠିବା ଏକ ପ୍ରକାରର ନିଶ୍ଚିତ ହୋଇଛି ବୋଲି ଏସିସି ସୂତ୍ରରୁ ଜଣାପଡ଼ିଛି।

## ବଡ ବୟାନ ଦେଲେ ଅଗରକର

ନୂଆଦିଲ୍ଲୀ, ୨୧।୧୦ ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଷ୍ଟାର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ୨୦୨୭ ଦିନିକିଆ ବିଶ୍ୱକପ ଦଳରେ ସାମିଲ କରିବା ନେଇ ଚୂଡାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇନାହିଁ। ରବିବାରଠାରୁ ଅଷ୍ଟ୍ରେଲିଆ। ବିପକ୍ଷ ଦିନିକିଆ ସିରିଜ ପୂର୍ବରୁ ଶୁବମନ ଗିଲଙ୍କୁ ୫୦ ଓଭର ଫର୍ମାଟର ଅଧିନାୟକ କରାଯିବା ପରେ ଏହି ଦୁଇ ଦିଗଗଜ ଖେଳାଳିଙ୍କ ଭବିଷ୍ୟତ ନେଇ ଅନେକ ଚର୍ଚ୍ଚା ହେଉଛି। ତେବେ ଅଗରକର ସ୍ପଷ୍ଟ କରିଛନ୍ତି ଯେ, ଉଭୟ ଖେଳାଳିଙ୍କ ଅବଦାନକୁ ଦୃଷ୍ଟିରେ ରଖି ପ୍ରତି ମ୍ୟାଚରେ ସେମାନଙ୍କୁ ପରୀକ୍ଷା କରାଯିବ ନାହିଁ। ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ। ସିରିଜ ପାଇଁ ରୋହିତ ଓ କୋହଲି ଭାରତୀୟ ଦଳରେ ସାମିଲ ଅଛନ୍ତି ଅଗରକର କହିଛନ୍ତି, ବର୍ତ୍ତମାନ ଉଭୟେ ଅଷ୍ଟ୍ରେଲିଆ। ସିରିଜ ଦଳରେ ଅଛନ୍ତି। ସେମାନେ ଅସାଧାରଣ ଖେଳାଳି, କିନ୍ତୁ ଦୁଇ ବର୍ଷ ପରେ ପରିସ୍ଥିତି କଣ ହେବ। ତାହା କହିବା କଷ୍ଟ ହୁଏତ ନୂଆ। ଖେଳାଳି ସୁଯୋଗ ପାଇପାରନ୍ତି ଏହା କେବଳ ରନ୍ ସଂଗ୍ରହ ନୁହେଁ, ଟ୍ରଫି ଜିତିବା ଉପରେ ନିଭର କରେ।

# ଆହତ ସମସ୍ୟାରୁ ମୁକୁଳିଲେ ଋଷଭ ପନ୍ତ

## କ୍ୟାପଟେନ ଭାବେ ନିଯୁକ୍ତ କଲା ବିସିସିଆଇ

ମୁମ୍ବାଇ, ୨୧।୧୦: ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଆହତ ହୋଇଥିବା ଭାରତୀୟ ଟିମର ଯୁବ ଓ୍ୱିକେଟ କିପର ଋଷଭ ପନ୍ତଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି ପନ୍ତଙ୍କ କମବ୍ୟାକ ତାରିଖ ନିଶ୍ଚିତ ହୋଇଛି। ସେ ଆହତ ସମସ୍ୟାରୁ ଏବେ ସଂପୂର୍ଣ୍ଣ ଭାବେ ମୁକୁଳିଛନ୍ତି। ଏଥିପାଇଁ ବିସିସିଆଇ ତାଙ୍କୁ କ୍ୟାପ୍ଟେନ ଭାବେ ନିଯୁକ୍ତ କରିଛି ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ପଡ଼ିଆକୁ ଓହ୍ଲାଇବେ।

ଏହାପୂର୍ବରୁ ତାଙ୍କୁ ଭାରତୀୟ ଏ ଟିମର ନେତୃତ୍ୱ ନେବାକୁ ପଡ଼ିବ। ଭାରତ ଏ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏ ମଧ୍ୟରେ ୪ ଦିନିଆ। ୨ଟି ଟେଷ୍ଟ( ମ୍ୟାଚ୍ ଖେଳାଯିବ। ଏହି ଦୁଇ ମ୍ୟାଚରେ ଭାରତୀୟ ଏ ଟିମର ନେତୃ ନେବେ ପନ୍ତ ତାଙ୍କୁ ଆଜି ଏ ଟିମର କ୍ୟାପ୍ଟେନ ଭାବେ ବିସିସିଆଇ ନିଯୁକ୍ତ କରିଛି।



ପନ୍ତଙ୍କୁ ବିସିସିଆଇ କ୍ୟାପ୍ଟେନ ଭାବେ ନିଯୁକ୍ତି ଦେଇଥିବା ବେଳେ ତାଙ୍କ ଡେପୁଟି ଭାବେ ସାଇ ସୁଦର୍ଶନଙ୍କୁ ଦାୟିତ୍ୱ ମିଳିଛି ଏହି ଦୁଇ ଜଣଙ୍କ ବ୍ୟତୀତ ଭାରତ ପାଇଁ ନିୟମିତ ଟେଷ୍ଟ ମ୍ୟାଚ୍ ଖେଳୁଥିବା କିଛି ଖେଳାଳିଙ୍କୁ ମଧ୍ୟ ୪ ଦିନିଆ। ମ୍ୟାଚ୍‌ରେ ଦେଖିବାକୁ ମିଳିବ।ଇଣ୍ଡିଆ। ଏ ଦୁଇଟି ଯାକ ୪ ଦିନିଆ। ମ୍ୟାଚ୍ ବେଙ୍ଗାଲୁରୁ ସ୍ଥିତି ବିସିସିଆଇ ସେ□ର ଅଫ ଏକ୍ସିଲେନ୍ସରେ ଖେଳିବ ପ୍ରଥମ ମ୍ୟାଚ୍ ଅକ୍ଟୋବର ୩୦ରୁ ଆରମ୍ଭ ହେବ ସେହିପରି ଦ୍ୱିତୀୟ ମ୍ୟାଚ ନେଭମ୍ବର ୬ରେ ଖେଳାଯିବ।

ଇଂଲଣ୍ଡ ବିପକ୍ଷରେ ଆହତ ହେବା କାରଣରୁ ପନ୍ତ ଷ୍ଟେଇଣ୍ଡିଜ ବିପକ୍ଷ ଘରୋଇ ଟେଷ୍ଟ ସିରିଜରୁ ବାଦ ପଡ଼ିଥିଲେ ସେହିପରି ଅଷ୍ଟ୍ରେଲିଆ। ବିପକ୍ଷ ଧଳା ବଲ ସିରିଜ ପାଇଁ ମଧ ତାଙ୍କୁ ଚୟନ କରାଯାଇ ନଥିଲେ ।

ଏବେ ସେ ଆହତ ସମସ୍ୟାରୁ ମୁକୁଳିବାରୁ ତାଙ୍କୁ ଭାରତୀୟ ଏ ଟିମର କ୍ୟାପ୍ଟେନ କରାଯାଇଛି ଦକ୍ଷିଣ ଆଫ୍ରିକା ବିପକ୍ଷ ୨ଟିକିଆ। ଟେଷ୍ଟ ସିରିଜ ନଭେମ୍ବର ୧୪ କୋଲକାତାରୁ ଆରମ୍ଭ ହେବ ଏହାପୂର୍ବରୁ ବିସିସିଆଇ ପନ୍ତଙ୍କ ମ୍ୟାଚ୍ ଫିଟନେସ ଟେଷ୍ଟ କରିବା ପାଇଁ ତାଙ୍କୁ ଭାରତୀୟ ଏ ଦଳର କ୍ୟାପ୍ଟେନ କରିଛି। ଦକ୍ଷିଣ ଆଫ୍ରିକା ଏ ବିପକ୍ଷ ଦ୍ୱିତୀୟ ୪ ଦିନିଆ। ମ୍ୟାଚ୍‌ରେ କେଏଲ ରାହୁଲ, ଧ୍ରୁବ ଜୁରେଲ ଓ ମହମ୍ମଦ ସିରାଜ ମଧ ନଜର ଆସିବେ।**ପ୍ରଥମ ୪ ଦିନିଆ। ମ୍ୟାଚ୍ ପାଇଁ ଭାରତ ଏ ସ୍କ୍ୱାଡ:** ଋଷଭ ପନ୍ତ(ଅଧିନାୟକ ଓ ଓ୍ୱିକେଟ କିପର), ଆୟୁଷ ମହାତ୍ରେ, ଏନ ଜଗଦୀଶନ(ଓ୍ୱିକେଟ କିପର), ସାଇ ସୁଦର୍ଶନ (ଉପ ଅଧିନାୟକ), ଦେବଦ□ ପାଡିକ୍କଲ, ରଜତ ପାଟିଦାର, ହର୍ଷ ଦୁବେ, ତନୁଶ କୋଟିଆନ, ମାନବ ସୁତାର, ଅଂଶୁଲ କମ୍ବୋଜି, ୟାଶ ଠାକୁର, ଆୟୁଷ ବଦୋନି ଓ ସାଂରଶ ଜୈନ। **ଦ୍ୱିତୀୟ ୪ ଦିନିଆ। ମ୍ୟାଚ୍ ପାଇଁ ଭାରତଏ ସ୍କ୍ୱାଡ:** ଋଷଭ ପନ୍ତ(ଅଧିନାୟକ ଓ୍ୱିକେଟ କିପର), କେଏଲ ରାହୁଲ, ଧ୍ରୁବ ଜୁରେଲ, ସାଇ ସୁଦର୍ଶନ(ଉପ ଅଧିନାୟକ), ଦେବଦ□ ପାଡିକ୍କଲ, ଋତୁରାଜ ଗାଏକ୍ୱାଡ, ହର୍ଷ ଦୁବେ, ତନୁଶ କୋଟିଆନ, ମାନବ ସୁତାର, ଖଲୀଲ ଅହମଦ, ଗୁର୍ନୁର ବ୍ରାର, ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଆକାଶ ଦୀପ।

# ଫୁଟ୍‌ବଲ ମହାସଂଘର ବଡ଼ ଘୋଷଣା



ନୂଆଦିଲ୍ଲୀ, ୨୧।୧୦: ନିକଟରେ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆ। କପ୍ ପାଇଁ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ମହିଳା ଦଳ ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ମଙ୍ଗଳବାର ୨୫,୦୦୦ ଆମେରିକୀୟ ଡଲାର ପୁରସ୍କାର ଘୋଷଣା କରିଛି। ଭାରତ ବିଶ୍ୱକେକ୍‌ଠାରେ ଗତ ସପ୍ତାହରେ ଉଭୟ କିର୍ଗିଜ୍‌ସ୍ତାନ ଓ ଉଜ୍‌ବେକିସ୍ତାନକୁ ସମାନ ୨-୧ ଗୋଲ୍ ବ୍ୟବଧାନରେ ପରାସ୍ତକରି ଗ୍ରୁପ୍ ଜିର ଶୀର୍ଷ ସ୍ଥାନରେ ରହିଥିଲା। ଫଳରେ ଏହି ବୟସ ବର୍ଗରେ ଭାରତ ପ୍ରଥମଥର ମହାଦେଶୀୟ ଯୋଗ୍ୟତା ହାସଲ କରିପାରିଛି। ଭାରତର ୧୭ ବର୍ଷରୁ କମ୍ ଦଳ ୨୦୦୫ ଏସିଆ। କପ୍‌ରେ ମଧ ଅଂଶଗ୍ରହଣ କରିଥିଲା ସେତେବେଳେ ଯୋଗ୍ୟତା ପର୍ଯ୍ୟାୟ ବ୍ୟବସ୍ଥା ନ ଥିଲା।

# କ୍ରିକେଟକୁ ବାଏ ବାଏ କଲେ ଉପତ୍ୟକା କ୍ରିକେଟର

ନୂଆଦିଲ୍ଲୀ, ୨୧।୧୦: ଦେଶ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଜମ୍ମୁ ଏବଂ କଶ୍ମୀରର ପ୍ରଥମ କ୍ରିକେଟର ପରଭେଜ ରସୁଲ ଖେଳର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏହା ୧୭ ବର୍ଷର ଚମତ୍କାର କ୍ୟାରିୟରର ଅନ୍ତ ଘଟାଇଛି, ଯାହା ସ୍ଥିର ପ୍ରଦର୍ଶନ ଏବଂ ଅନେକ ସଫଳତା ଦ୍ୱାରା ଚିହ୍ନିତ ପରଭେଜ ୨୦୧୪ରେ ଭାରତ ପାଇଁ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ ଏବଂ ୨୦୧୭ରେ ଭାରତ ପାଇଁ ତାଙ୍କର ପ୍ରଥମ ଟି-୨୦ ମ୍ୟାଚ ଖେଳିଥିଲେପରଭେଜ ରସୁଲ କହିଛନ୍ତି, ଜମ୍ମୁ ଏବଂ କଶ୍ମୀର କ୍ରିକେଟର ଅଭିବୃଦ୍ଧି କାହାଣୀର ଏକ ଅଂଶ ହୋଇ ସେ ଗର୍ବିତ ବର୍ଷ ବର୍ଷ ଧରି,



ରସୁଲ ନିଜକୁ ଜଣେ ନିର୍ଭରଯୋଗ୍ୟ ଅଲରାଉଣ୍ଡର ଭାବରେ ପ୍ରତିଷ୍ଠିତ କରିଛନ୍ତି, ପ୍ରଥମ ଶ୍ରେଣୀ କ୍ରିକେଟରେ ୫,୬୪୮ ରନ ଏବଂ ୩୫୨ ଉଇକେଟ ନେଇଛନ୍ତି ଘରୋଇ କ୍ରିକେଟରେ ତାଙ୍କର ସ୍ଥିର ପ୍ରଦର୍ଶନ ତାଙ୍କୁ ୨୦୧୩-୧୪ ଏବଂ ୨୦୧୭-୧୮ରେ ଦୁଇଥର ରଣଜୀ ଟ୍ରଫିରେ ଶ୍ରେଷ୍ଠ ଅଲରାଉଣ୍ଡର ପାଇଁ ପ୍ରତିଷ୍ଠିତ ଲାଲା ଅମରନାଥ ପୁରସ୍କାର ପ୍ରଦାନ କରିଛି।ତାଙ୍କର ପ୍ରଭାବଶାଳୀ ୨୦୧୨-୧୩ ସିଜନ, ଯେଉଁଠାରେ ସେ ୫୯୪ ରନ ଏବଂ ୩୩ ଉଇକେଟ ନେଇଥିଲେ, ଜାତୀୟ ଦଳ ଏବଂ ରେ ପ୍ରବେଶ ପାଇଁ ପଥ ପ୍ରଶସ୍ତ କରିଥିଲା।।

# ରିଜଓ୍ୱାନ ଅଧିନାୟକରୁ ବିଦା

ଲାହୋର: ପାକିସ୍ତାନ କ୍ରିକେଟିଂ ଲିଡରଶିପରେ ଆଉ ଗୋଟିଏ ରାଉଣ୍ଡ ମ୍ୟୁଜିକାଲ ଚେୟାର ସୋମବାର ପାକିସ୍ତାନ କ୍ରିକେଟ ଟିମର ଦିନିକିଆ। କ୍ୟାପ୍ଟେନ ପଦରୁ ବରିଷ୍ଠ ଖେଳାଳି ମହମ୍ମଦ ରିଜାନ( )ଙ୍କୁ ବିଦା କରିଦିଆଯାଇଛି। ତାଙ୍କ ବଦଳରେ ପାକିସ୍ତାନ କ୍ରିକେଟ ବୋର୍ଡ ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦିଙ୍କୁ ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ର ଅଧିନାୟକ କରିଛି।



୨୦୨୪ ଅକ୍ଟୋବର ମାସରେ ହିଁ ପାକିସ୍ତାନର ଧଳା ବଲ କ୍ରିକେଟର କ୍ୟାପ୍ଟେନ ହୋଇଥିଲେ ରିଜସ୍ୱାନ। କିଛି ମାସ ପରେ ତାଙ୍କୁ ପ୍ରଥମେ ଟି-୨୦ ଓ ସୋମବାର ଦିନିକିଆ। କ୍ୟାପ୍ଟେନ ପଦରୁ ବିଦା ହେବାକୁ ପଡ଼ିଛି।

ଶାହୀନ ନୂଆ। ଅଧିନାୟକ ଭାବେ ଦାୟିତ୍ୱ ପାଇଥିବା ବେଳେ ଆସନ୍ତା ମାସରୁ ତାଙ୍କ ଟାସ୍କ ଆରମ୍ଭ ହେବ। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଦିନିକିଆ। ସିରିଜରେ ପାକିସ୍ତାନର ନେତୃ ନେବେ। ଏହାକୁ ମିଶାଇ ଗତ ୧୨ ମାସରେ ଦିନିକିଆରେ ପାକିସ୍ତାନ ତୃତୀୟ ଅଧିନାୟକ ପାଇଛି।

୨୦୨୪ ଅକ୍ଟୋବର ମାସରେ ବାବର ଆଜମଙ୍କ ଇସ୍ତଫା ଯୋଗୁ ରିଜଓ୍ୱାନ ଦିନିକିଆ। ଦଳର କମାଣ ସମ୍ଭାଳିଥିଲେ। ରିଜଓ୍ୱାନଙ୍କ ନେତୃତ୍ୱରେ ପାକିସ୍ତାନ ଚାମ୍ପିୟନସ ଟ୍ରଫିରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଗ୍ରୁପ ଏରେ ପାକିସ୍ତାନ ସବୁଠାରୁ ତଳେ ରହି ଅଭିଯାନ ଶେଷ କରିଥିଲା। ଭାରତ, ନ୍ୟୁଜିଲ୍ୟାଣ୍ଡ ଓ ବାଂଲାଦେଶ ଠାରୁ ତଳେ ରହିଥିଲା ପାକିସ୍ତାନ।ଥିପାଇଁ ସୋମବାର ପିସିବି ତାଙ୍କୁ କ୍ୟାପ୍ଟେନ ପଦରୁ ହଟାଇ ଶାହୀନଙ୍କୁ ଦାୟିତବ ଦେଇଛି ।

ପିସିବି ପକ୍ଷରୁ କୁହାଯାଇଛି ଯେ ଚୟନ କମିଟି କରିଥିବା ବୈଠକରେ ପାକିସ୍ତାନର ଧଳା ବଲ କୋଚ ମାଇକ ହେସନ ସାମିଲ ହୋଇଥିଲେ। ଏହି ବୈଠକରେ ଶାହୀନ ପାକିସ୍ତାନର ଦିନିକିଆ। ଟିମର ନେତୃତ୍ୱ ନେବେ ବୋଲି ନିଷ୍ପ□ ହୋଇଛି ।ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ୩ଟିକିଆ ଦିନିକିଆ ସିରିଜ ଯଥାକ୍ରମେ ନଭେମ୍ବର ୪, ୬ ଓ ୮ରେ ଅନୁଷ୍ଠିତ ହେବ। ସବୁ ମ୍ୟାଚ୍ ଫୈସଲାବାଦରେ ଖେଳାଯିବାକୁ ନିଷ୍ପ□ ହୋଇଛି। ଏହି ସମୟରେ ଶାହୀନ ନେତୃତ୍ୱ ନେବେ। ଏହାପୂର୍ବରୁ ଶାହୀନ ୫ଟି ଟି-୨୦ରେ ପାକିସ୍ତାନର ନେତୃ ନେଇଥିଲେ ଦଳ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୫ଟି ମ୍ୟାଚ୍ ଖେଳିଥିଲେ ହେଁ ୪ଟିରେ ହାରିଥିଲା।

# ଲଞ୍ଚ ହେବ କ୍ରିକେଟର ନୂଆ ଫର୍ମାଟ

ନୂଆଦିଲ୍ଲୀ, ୨୧।୧୦: କ୍ରିକେଟ ପ୍ରତିଦିନ ପରିବର୍ତ୍ତନ ହୁଏ, କିନ୍ତୁ ଏଥର ଏକ ନୂତନ ଫର୍ମାଟ ପ୍ରଚଳନ କରାଯାଇଛି, ଯାହା କ୍ରିକେଟର ଉତ୍ସାହକୁ ଆହୁରି ବୃଦ୍ଧି କରିବ। ଏଥିପାଇଁ, ଷ୍ଟେଇଣ୍ଡିଜ ମହାନ ସାର୍ କ୍ଲାଇଭ ଲଏଡ, ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଏବି ଡିଭିଲିୟର୍ସ, ପୂର୍ବତନ ଅଷ୍ଟ୍ରେଲୀୟ ଓପନର୍ ମାଥ୍ୟୁ ହେଡେନ ଏବଂ ପୂର୍ବତନ ଭାରତୀୟ ଖେଳାଳି ହରଭଜନ ସିଂହଙ୍କୁ ଟେଷ୍ଟ ଟ୍ୱେଣ୍ଟି-୨୦ ଫର୍ମାଟ ପାଇଁ ପରାମର୍ଶଦାତା ବୋର୍ଡରେ ସାମିଲ କରାଯାଇଛି । ରାଜସ୍ଥାନ ରୟାଲ୍ସର ପୂର୍ବତନ ସିଇଓ ମାଇକେଲ ଫୋର୍ଡହାମଙ୍କୁ ମଧ ମୁଖ୍ୟ ପରିଚାଳନା ଅଧିକାରୀ ନିଯୁକ୍ତ କରାଯାଇଛି।

ଟେଷ୍ଟ ଟ୍ୱେଣ୍ଟି-୨୦ ଫର୍ମାଟ ଟେଷ୍ଟ କ୍ରିକେଟ ସହିତ ଟି-୨୦ କ୍ରିକେଟ ର ଦିଗଗୁଡ଼ିକୁ ମିଶ୍ରଣ କରିବାକୁ ଚେଷ୍ଟା କରିବ ଏହା ବିଶ୍ୱର ପ୍ରଥମ ୮୦-ଓଭର ଫର୍ମାଟ ହେବ ତଥାପି, ଏକାସାଙ୍ଗରେ ୪୦ ଓଭର ଖେଳିବା ପରିବର୍ତ୍ତେ, ଉଭୟ ଦଳ ୨୦ ଓଭରର ଦୁଇଟି ଇନିଂସ ଖେଳିବେ। ପ୍ରତ୍ୟେକ ଦଳ ଦୁଇଥର ବ୍ୟାଟିଂ କରିବେ, ଠିକ ଏକ ଟେଷ୍ଟ ମ୍ୟାଚ ପରି ଟେଷ୍ଟ ଏବଂ ଟି-୨୦ କ୍ରିକେଟ ଉଭୟର ନିୟମ ପ୍ରଯୁଜ୍ୟ ହେବ ସମସ୍ତ ଚାରୋଟି ସମ୍ଭାବ୍ୟ ଫଳାଫଳ ହେଉଛି ବିଜୟ, ପରାଜୟ, ଟାଇ କିମ୍ବା ଡ୍ରା।ଟେଷ୍ଟ ଟ୍ୱେଣ୍ଟି-୨୦ର ପ୍ରଥମ ସିଜିନ ଜାନୁଆରୀ ୨୦୨୬ରେ ଆରମ୍ଭ ହେବ ଭାରତରୁ ତିନୋଟି ଏବଂ ଦୁବାଇ, ଲଣ୍ଡନ ଏବଂ ଆମେରିକାରୁ ତିନୋଟି କରି ଛଅଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିବେ ପ୍ରତ୍ୟେକ ଦଳରେ ୧୬ ଜଣ ଖେଳାଳି ରହିବେ ନୂତନ ଫର୍ମାଟ ଅକ୍ଟୋବର ୧୬ ତାରିଖରେ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା। ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର ଏବି ଡିଭିଲିୟର୍ସ କହିଛନ୍ତି, ଟେଷ୍ଟ ଟ୍ୱେଣ୍ଟି-୨୦ କ୍ରିକେଟର ଉତ୍ସାହକୁ ବୃଦ୍ଧି କରିବ ଏବଂ ଯୁବ ଖେଳାଳିମାନଙ୍କ ପାଇଁ ପ୍ରଚୁର ସୁଯୋଗ ପ୍ରଦାନ କରିବ।

## ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ

# ଭାଲିଆବାଡ଼ିକୁ ହରାଇ ସୁଆଙ୍ଗ ବିଜୟୀ

ଖୋର୍ଦ୍ଧା, ୨୧।୧୦: ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ। ଠାରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ନାମେ□ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚତୁର୍ଥ ଦିବସ ଖେଳର ପ୍ରଥମ ମ୍ୟାଚ ଭାଲିଆବାଡ଼ି ଏବଂ ସୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ରେ ଜିତି ଭାଲିଆବାଡ଼ି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୬ ଓ୍ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲେ ଦଳ ପକ୍ଷରୁ ବିକାଶ ପ୍ରଧାନ ୪୪ ରନ ସଂଗ୍ରହ କରିଥିଲେ। ସମୀର ରାଉତରାୟ ଦଳର ସୁଭାଶିଷ ଦାସ ୨ ଟି୍‌କେଟ ଅକ୍ତିଆର କରିଥିଲେ। ଜବାବରେ ସୁଆଙ୍ଗ ଦଳ ୧୩ ଓଭର ରୁ ୫ ଓ୍ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲେ। ଦଳର ସମୀର ରାଉତରାୟ ୭୦ ରନ କରିଥିଲେଏହି ମ୍ୟାଚ କୁ ସୁଆଙ୍ଗ ଦଳ ୫ ଓ୍ୱିକେଟ ରେ ଜିତି ନେଇଥିଲାଏହି ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ସମୀର ରାଉତରାୟ ଙ୍କୁ ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା। ଅସିତ ପରିଡା, ସୁଜିତ ପରିଡା, ପ୍ରଶାନ୍ତ ବେହେରା ଓ ପ୍ରକାଶ ସାହୁ ଖେଳକୁ ପରିଚାଳନା କରିଥିବାବେଳେ ସଂଜୀବ ବରାଳ ଓ ମନୋଜ ମିଶ୍ର ଖେଳକୁ ସଂଯୋଜନା କରିଥିଲେ।



ପୂର୍ବଦିନ ତୃତୀୟ ଦିବସ ଖେଳର ପ୍ରଥମ ମ୍ୟାଚ ପଳାସପୁର ଏବଂ କଲ୍ୟାଣପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଟସ ରେ ଜିତି ପଳାସପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭର ରେ ୫ ଓ୍ୱିକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲେ ଦଳ ପକ୍ଷରୁ ବସନ୍ତ ସାହୁ ୪୬ ରନ ଓ ଅଭୟ ନାୟକ ୪୪ ସଂଗ୍ରହ କରିଥିଲେକଲ୍ୟାଣପୁର ଦଳର ସୁଭାଶିଷ ଦାସ ୩ ଟି୍‌କେଟ ଅକ୍ତିଆର କରିଥିଲେ ଜବାବରେ କଲ୍ୟାଣପୁର ଦଳ ୧୬ ଓଭର ରୁ ୬ ଓ୍ୱିକେଟ ହରାଇ ୧୭୫ ରନ ରେ ସୀମିତ ରହିଥିଲା ଦଳର ଜଗତପ୍ରିୟ ୭୦ ରନ କରିଥିଲେଏହି ମ୍ୟାଚ କୁ ପଳାସପୁର ଦଳ ୪୧ ରନ ରେ ଜିତି ନେଇଥିଲାଏହି ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ବସନ୍ତ ସାହୁ ଙ୍କୁ ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ଅତିଥି ଶ୍ରୀମତୀ ଲିନା ସ୍ୱାଇଁ ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ରେ ମେଣ୍ଢାଶାଳ ଓ କୁମାରବସ୍ତ ପରସ୍ପର କୁ ଭେଟିଥିଲେମେଣ୍ଢାଶାଳ ଟସ ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୩ ବି୍‌କେଟ ହରାଇ ୧୯୨ ରନ କରିଥିଲେ ଦଳ ର ପଙ୍କଜ ଜେନା ୫୭ ରନ କରିଥିଲେ। ଜବାବରେ କୁମାରବସ୍ତ ଦଳ ୭ ହରାଇ ୧୭୦ ରନରେ ସୀମିତ ରହି ୨୨ ରନ ରେ ପରାଜିତ ହୋଇଥିଲେ ।ଦଳର ଶ୍ରଦ୍ଧାକାର ପାତ୍ର ୪୮ ରନ କରିଥିଲେ ମେଣ୍ଢାଶାଳ ଦଳର କୈବଲ୍ୟ ବାରିକ ଅଲ ରାଉଣ୍ଡର ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ରଞ୍ଜନ ନନ୍ଦ ଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।ପ୍ରଶାନ୍ତ ପଟ୍ଟଯୋଶୀ, ତୁଷାରକାନ୍ତ ସୁନ୍ଦରାୟ ,ଦେବିଶଙ୍କର ପଣ୍ଡା, ଅସିତ ପରିଡା, ପ୍ରଶାନ୍ତ ବେହେରା ଓ ପ୍ରକାଶ ସାହୁ ଖେଳକୁ ପରିଚାଳନା କରିଥିବାବେଳେ ସଂଜୀବ ବରାଳ ଓ ମନୋଜ ମିଶ୍ର ଖେଳକୁ ସଂଯୋଜନା କରିଥିଲେ ।

# ସବୁ ଦୋଷ ନିଜେ ମୁଣ୍ଡାଇଲେ ମନ୍ଧାନା

ନୂଆଦିଲ୍ଲୀ, ୨୧।୧୦: ଚଳିତ ମହିଳା ଦିନିକିଆ। ବିଶ୍ୱକପରେ ଭାରତ ହ୍ୟାଟ୍ରିକ ପରାଜୟ ବରଣ କରିଛି। ରବିବାର ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଦଳ ୪ ରନରେ ହାରିଯାଇଛି। ଇନ୍ଦୋରର ହୋଲକର ଷ୍ଟାଡିୟମରେ ଭାରତ ପରାଜୟ ବରଣ କରିଥିବା ବେଳେ ଏହାର ସବୁ ଦୋଷ ନିଜ ମୁଣ୍ଡକୁ ନେଇଛନ୍ତି ଓପନର ସ୍ମୃତି ମନ୍ଧାନା। ପରାଜୟ ପରେ ସବୁ ଦୋଷ ସ୍ୱୀକାର କରି ସ୍ମୃତି ମନ୍ଧାନା କହିଛନ୍ତି, ହଁ, ଏହା ନିଶ୍ଚିତ ମୋର କହିବାର ଅର୍ଥ ଆମେ ଭୁଶୁଡ଼ିପଡ଼ିଥିଲୁ। ସମସ୍ତେ ଏହା ଦେଖିଛନ୍ତି। ସେହି ସମୟରେ ଆଉ ଶଟ ଚୟନ ଆହୁରି ଭଲ ହୋଇପାରିଥାଆନ୍ତା। ବିଶେଷ କରି ଏହା ମୋ ଠାରୁ ଅରେମ୍ଭ ହୋଇଥିଲା। ମୁଁ ସେଥିପାଇଁ ସବୁ ଦୋଷ ସ୍ୱୀକାର କରିଛୁ ମୋ ଶଟ ଚୟନ ଆହୁରି ଭଲ ଓ ଚତୁର ହୋଇପାରିଥାଆନ୍ତା। ଅମେ କେବଳ ଓଭର ପିଛା ରନ ଆବେଶ୍ୟକ କରୁଥିଲୁ।ଆମକୁ ମ୍ୟାଚ୍ ଆହୁରି ଶେଷ ଯାଏ ନେବାର ଥିଲା ।ତେଣୁ ପରାଜୟ ପାଇଁ ମୁଁ ଦାୟିତ୍ୱ ନେଉଛି କାରଣ ବିପର୍ଯ୍ୟୟ ମୋ ଠାରୁ ଆରମ୍ଭ ହୋଇଥିଲା। ଇଂଲଣ୍ଡ ବିପକ୍ଷ ପରାଜୟର ଦୋଷ ନିଜ ମୁଣ୍ଡ ନେଇଥିବା ସ୍ମୃତି ମନ୍ଧାନା ଏବେ ଅକ୍ଟୋବର ୨୩ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ କର ବା ମର ପରିସ୍ଥିତି ଉପରେ ଫୋକସ ଆରମ୍ଭ କରିଦେଇଛନ୍ତ। ସେ କହିଛନ୍ତି, ବହୁତ ଶୀଘ୍ର ଆମକୁ ଏକାଠି ହେବାକୁ ପଡ଼ିବ। କିନ୍ତୁ କ୍ରିକେଟରେ କିଛି ବି ସହଜରେ ମିଳେନାହିଁ। ପରବ□ୀ ମ୍ୟାଚ୍ ଏକପ୍ରକାରର କ୍ୱାର୍ଟର ଫାଇନାଲ ଭଳି।

# ବଡ଼ ଉପହାର ଦେଲେ ଗାଙ୍ଗୁଲି

ନୂଆଦିଲ୍ଲୀ, ୨୧।୧୦: ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆରେ ଅଛି, ଯେଉଁଠାରେ ତିନି ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରିଜ ପରେ ପା□ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ ଏହି ଗସ୍ତ ପରେ, ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଘରୋଇ ମାଟିରେ ତିନୋଟି ଫର୍ମାଟରେ ଏକ ସିରିଜ ଖେଳିବ ଏହି ସିରିଜ ନଭେମ୍ବର ୧୪ ତାରିଖରେ କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ପ୍ରଥମ ଟେଷ୍ଟ ସହିତ ଆରମ୍ଭ ହେବ କ୍ରିକେଟ ଆସୋସିଏସନ ଅଫ ବଙ୍ଗଳା ଏହି ମ୍ୟାଚ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଆସୋସିଏସନ ସଭାପତି ସୌରଭ ଗାଙ୍ଗୁଲି ମ୍ୟାଚ ପୂର୍ବରୁ କ୍ରିକେଟ ପ୍ରଶଂସକଙ୍କୁ ଏକ ବଡ଼ ଦୀପାବଳି ଉପହାର ପ୍ରଦାନ କରିଛନ୍ତି।

ଛଅ ବର୍ଷ ପରେ କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଏକ ଟେଷ୍ଟ ମ୍ୟାଚ ଖେଳାଯି।; ଏହା ୨୦୧୯ରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ପିଙ୍କ ବଲ ଟେଷ୍ଟ ସ୍ଥାନ ଥିଲା। ବ□ମାନ, ପ୍ରଥମ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟେଷ୍ଟ ନଭେମ୍ବର ୧୪ ତାରିଖରୁ ଇଡେନ ଗାର୍ଡେନ୍ସରେ ଖେଳାଯିବ। ଏହି ମ୍ୟାଚ ପାଇଁ ଟିକେଟ ଜୋମାଟୋ ଆପରେ ବୁକ କରାଯାଇପାରିବ। ପା□ ଦିନିଆ। ମ୍ୟାଚ ପାଇଁ ଟିକେଟ ମୂଲ୍ୟ ୩୦୦ ଯାହା ଗୋଟିଏ ଦିନିକିଆ। ପାଇଁ କେବଳ ୬୦ ଅଟେ ଏହା ସହିତ, ଗୋଟିଏ ଦିନିକିଆ। ଟିକେଟ ୨୫୦ ରେ ଉପଲବ୍ଧ।

ରୋହିତ ଶର୍ମାଙ୍କ ଅବସର ପରେ, ଶୁଭମନ ଗିଲ ଟେଷ୍ଟ ଏବଂ ଦଳର ଅଧିନାୟକତ୍ୱ କରୁଛନ୍ତି ତାଙ୍କ ଅଧିନାୟକତ୍ୱରେ ଭାରତ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ସିରିଜ ଖେଳିଥିଲା, ଯାହା ୨-୨ ଡ୍ରରେ ଶେଷ ହୋଇଥିଲ। ପରବ□ୀ ସମୟରେ, ଘରୋଇ ମାଟିରେ ଖେଳାଯାଇଥିବା ଟେଷ୍ଟ ସିରିଜ ରେ ଭାରତ ଷ୍ଟେଇଣ୍ଡିଜ କୁ ୨-୦ ରେ ପରାସ୍ତ କରିଥିଲା। ବ□ମାନ, ଗିଲଙ୍କ ଅଧିନାୟକତ୍ୱରେ, ଭାରତ ଅଷ୍ଟ୍ରେଲିଆ। ବିପକ୍ଷରେ ପ୍ରଥମ ସିରିଜ ଖେଳୁଛି, ଯେଉଁଠାରେ ଭାରତ ପ୍ରଥମ ମ୍ୟାଚ ହାରିଥିଲା।ଗାଙ୍ଗୁଲି ୨୨ ସେପ୍ଟେମ୍ବର ୨୦୨୫ରେ ଦ୍ୱିତୀୟ ଥର ପାଇଁ ବେଙ୍ଗଲ କ୍ରିକେଟ ଆସୋସିଏସନର ଅଧ୍ୟକ୍ଷତା ଗ୍ରହଣ କରିଥିଲେ। ସେ ପୂର୍ବରୁ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ, ତାପରେ ସେ ର ୩୫ତମ ସଭାପତି ହୋଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ